




ଭଦ୍ରକ ସହର ଚରମ୍ପା ଷ୍ଟେଶନ ବଜାର ଅଞ୍ଚଳ ପୂଜାମଣ୍ଡପରେ ମା'କାଳୀ। ବିଭିନ୍ନ ମଣ୍ଡପ ନିକଟରେ ଶୋଭା ବଢ଼ାଉଛି ସାମାଜିକ ସଚେତନତାଧର୍ମୀ କଳାକୁଞ୍ଜ ଓ କଳା, ସଂସ୍କୃତିର ନିଦର୍ଶନ ସ୍ୱରୂପ ସୁଦୃଶ୍ୟ ତୋରଣ।

# ନିଆରା ଆକର୍ଷଣ

## ପ୍ରସିଦ୍ଧ ଭଦ୍ରକ କାଳୀପୂଜା

**ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପାଇଁ ସାରା ସହର ଏବେ ପାଲଟିଛି ସାଂସ୍କୃତିକ, ସାମାଜିକ ଓ ବ୍ୟବସାୟିକ ମିଳନକ୍ଷେତ୍ର। ଐତିହାସିକ ଗୁରୁତ୍ୱ ବହନ କରୁଥିବା ସହରରେ କାଳୀପୂଜାର ଆକର୍ଷଣ ବର୍ଷକୁ ବର୍ଷ ବଢ଼ି ଚାଲିଛି। ଚଳିତବର୍ଷ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ଏହାକୁ ପ୍ରମାଣିତ କରିଛି। ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଆସି ମେଳାରେ ବିଭିନ୍ନ ପସରା ମେଲାଇଛନ୍ତି। ପାଗ ଅନୁକୂଳ ଥିବାରୁ ପ୍ରତିଦିନ ଜମୁଛି କିଣାବିକା। ପୂଜା ମଣ୍ଡପଗୁଡ଼ିକର ଆକର୍ଷଣୀୟ ସାଜସଜ୍ଜା, ସାମାଜିକ ସଚେତନତାଧର୍ମୀ କଳାକୁଞ୍ଜ, ମିନାବଜାରରେ ରଙ୍ଗବେରଙ୍ଗର ପସରା ସାଙ୍ଗକୁ ଦୋଳି, ସର୍କସ, ଯାଦୁଖେଳ ଏବଂ ଯାତ୍ରା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରିଙ୍କ ମନ ମୋହୁଛି। ବିଗତ ବର୍ଷରେ ଆଇନଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଲଗାଇ ଆସୁଥିବା କଟକଣା ଏଥର କୋହଳ କରିଥିବାରୁ ପୂଜା ପରିବେଶ ବେଶ୍ କିଛି ନିଆରା ଲାଗୁଛି।**



ମେଳାରେ ରାମଦୋଳି।

### ବଢୁଛି ଶ୍ରଦ୍ଧାଳୁଙ୍କ ଭିଡ଼, ପରିବେଶ ଲୋକାରଣ୍ୟ

**ଭଦ୍ରକ ଅଫିସ, ୧୪।୧୧:** ଭଦ୍ରକ କାଳୀପୂଜାର କେନ୍ଦ୍ରସ୍ଥଳ ଚରମ୍ପା ଷ୍ଟେଶନବଜାରରେ ଆଜିକୁ ୯ ଦିନ ଧରି ଗହଳଚହଳ ଲାଗିରହିଛି। ଆଧ୍ୟାତ୍ମିକ ବାତାବରଣ ସାଙ୍ଗକୁ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଛି ୯ରୁ ଅଧିକ ପୂଜା ମଣ୍ଡପ। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି କଳାକୁଞ୍ଜରୁ ସାମାଜିକ ବାର୍ତ୍ତା ନେଇ ଫେରୁଛନ୍ତି। ବୁଧବାର କାଳୀପୂଜାର ୯ମ ଦିନରେ ମଧ୍ୟାହ୍ନ ସମୟରୁ ଅତ୍ୟଧିକ ଭିଡ ଜମିଥିଲା। ଚରମ୍ପା ବଜାର ଉଭୟପାର୍ଶ୍ୱ ଲୋକାଲ ରୋଡ ଲୋକାରଣ୍ୟ ହୋଇପଡ଼ିଥିଲା। ଟ୍ରାଫିକ ନିୟନ୍ତ୍ରଣ କରିବା ପୋଲିସ ପକ୍ଷେ କାଠିକର ପାଠ ହୋଇଥିଲା। ଶୁକ୍ରବାର ସକାଳ ୧୦ଟା ସୁଦ୍ଧା ସମସ୍ତ ମଣ୍ଡପର ମେଢ଼ ଭସାଣି ଉତ୍ସବ କରାଯିବା ଲାଗି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିଲାଗି ଲୋକେ ଶେଷ ସମୟ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ଓଏସ୍ଆର୍ଟିସି କ୍ୟାମ୍ପସ, ପଥରକାଳୀ ପଡିଆରେ ପଡ଼ିଥିବା ମିନାବଜାରରେ ଭିଡ଼ ଏପରି ଥିଲା ଯେ କଡ଼ ଲେଉଟାଇବା ସମ୍ଭବ ହୋଇ ନ ଥିଲା। ଏହାସତ୍ତ୍ୱେ ମେଳା ବୁଲି ଦେଖିବାର ଆକର୍ଷଣ ଲୋକଙ୍କୁ ବାନ୍ଧି ରଖିଥିଲା। ମେଳାରେ ଲୁଟେରାଙ୍କ ଉପଦ୍ରବକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

### ରାଣୀ ତ ରାଣୀ ବାଉଁଶରାଣୀ

କାଳୀପୂଜା ମେଳାରେ ବିଭିନ୍ନ ଆକର୍ଷଣ ମଧ୍ୟରେ ବେଶ୍ ବାରି ହୋଇପଡ଼ିଥିଲା ବାଉଁଶରାଣୀ ଖେଳ। ଛତିଶଗଡ଼ ଅଞ୍ଚଳରୁ ଆସିଥିବା କଳାକାରମାନେ ଆର୍‌ସିବିଏଲ ହାଇସ୍କୁଲ ପଡିଆରେ ବାଉଁଶରାଣୀ ଖେଳ ଦେଖାଇଥିଲେ। ଏହି ଖେଳ ଦେଖାଉଥିବା ସବିତା ନାମ୍ନୀ ଜଣେ ୯ ବର୍ଷର ଝିଅଙ୍କର ଦୁଃସାହସିକ କ୍ରୀଡ଼ା ହଜାର ହଜାର ଦର୍ଶକଙ୍କୁ ମୋହିତ କରିଥିଲା। କେତେବେଳେ ମୁଣ୍ଡ ଉପରେ କଳସ ଓ ଥାଳି ରଖି ସେ ବିଚକ୍ଷଣ ଖେଳ ଦେଖାନ୍ତି ତ ଆଉ କେତେବେଳେ ଦଉଡି ଉପରେ ସାଇକେଲ ରିମ୍ ରଖି ହିନ୍ଦୀ ମେଲୋଡି ଗୀତର ତାଳେ ତାଳେ ଖେଳ ଦେଖାଇଥାନ୍ତି। ଏହାକୁ ଦେଖିବା ଲାଗି ସାରା ଦିନ ସେଠାରେ ଲୋକଙ୍କ ଭିଡ଼ ଲାଗି ରହିଥିଲା।

### ପୂଜା ମଣ୍ଡପରେ ମେଡିକାଲ କଲେଜ ପ୍ରସଙ୍ଗ

ବିଭିନ୍ନ କାଳୀପୂଜା ମଣ୍ଡପରେ ହୋଇଥିବା କଳାକୁଞ୍ଜରେ ଏଥର ପ୍ରତିଯୋଗିତାର ଛାପ ବାରି ହୋଇପଡୁଛି। ସାମ୍ପ୍ରତିକ ସମୟର ଘଟଣାବଳୀ ଓ ପ୍ରସଙ୍ଗକୁ ନେଇ ଅନେକ ବାରୁଆଳି ମୂର୍ତ୍ତି ନିର୍ମାଣ କରାଯାଇଛି। ପିଡବ୍ଲୁଆଇ ଓ ଡଗରାସାହି ପୂଜା ମଣ୍ଡପରେ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ପ୍ରସଙ୍ଗକୁ କାଳାତ୍ମକ ରୂପରେ ଉପସ୍ଥାପନ କରାଯାଇଥିବାରୁ ସେଠାରେ ଦର୍ଶକଙ୍କର ଅଧିକ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ଭଦ୍ରକ ଜିଲାବାସୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ମେଡିକାଲ କଲେଜ, ହସ୍ପିଟାଲ ପ୍ରତିଷ୍ଠା ଦାବି ଉଠିବା ପରେ ଏହା ଗଣଆନ୍ଦୋଳନରେ ପରିଣତ ହୋଇଛି। ଏହି କଳାକୁଞ୍ଜ ଏହାର ଝଲକ ବହନ କରିଛି।

### ଷ୍ଟାଣ୍ଡ ମାଲିକଙ୍କ ଦୌରାତ୍ମ୍ୟ

ବାଇକ୍, ସାଇକେଲ ଓ ଅନ୍ୟ ଯାନବାହନ ଧରି ପୂଜା ଦେଖିବାକୁ ଆସୁଥିବା ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ପୋଲିସ ଓ ପ୍ରଶାସନ ପକ୍ଷରୁ ଗାଡ଼ି ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନ ଥିବାରୁ କେତେକ ବ୍ୟକ୍ତି ମ୍ୟୁନିସିପାଲିଟିରୁ ଅନୁମତି ଆଣି ଚଳିତବର୍ଷ କାଳୀପୂଜାରେ ସାଇକେଲ ଓ ବାଇକ୍ ଷ୍ଟାଣ୍ଡ ଖୋଲିଛନ୍ତି। ସେଠାରେ ତଥାକଥିତ କେତେକ ଷ୍ଟାଣ୍ଡ ମାଲିକଙ୍କ ଦୌରାତ୍ମ୍ୟ କହିଲେ ନ ସରେ। ମାତ୍ର ଘଣ୍ଟେରୁ ଦୁଇ ଘଣ୍ଟା ପାଇଁ ବାଇକ୍ ରଖିଲେ ଏଥିଲାଗି ୪୦ ଟଙ୍କା ପର୍ଯ୍ୟନ୍ତ ଫି' ଦାବି କରାଯାଉଛି। ଷ୍ଟାଣ୍ଡ ଭଡ଼ା ଧାର୍ଯ୍ୟ ହୋଇ ନ ଥିବାରୁ ଷ୍ଟାଣ୍ଡ ମାଲିକଙ୍କ ପାଇଁ ସୁଯୋଗ 'କଟେ ପୁଅ ବାର' ଭଳି ହୋଇଛି। ଅତ୍ୟଧିକ ଭଡ଼ା ଆଦାୟ ଉପରେ ରୋକ ଲଗାଇବା ପାଇଁ ପୋଲିସ କିମ୍ବା ପୌରାପାଳିକା ତରଫରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ।



କାଳୀପୂଜା ଷ୍ଟଲରେ ବିକ୍ରି ହେଉଛି ଶଙ୍ଖ।

## ମନ ମୋହୁଛନ୍ତି ୯ ବର୍ଷର ଝିଅ ସବିତା

୯ ବର୍ଷର ଝିଅ ସବିତା। ଘର ଛତିଶଗଡ ବିଳାଶପୁର ଅଞ୍ଚଳରେ। ଝିଲିମିଲି ପୋଷାକ ପିନ୍ଧି ବାଉଁଶରାଣୀ ବେଶରେ ସବିତା ଦର୍ଶକଙ୍କ ମନ ମୋହି ନିଅନ୍ତି। କେବଳ ବେଶଭୁଷା ନୁହେଁ ତାଙ୍କ କ୍ରୀଡ଼ାକୌଶଳକୁ ଦେଖଣାହାରୀ ତାରିଫ ନ କରି ରହିପାରନ୍ତି ନାହିଁ। ଆରସିବିଏଲ ହାଇସ୍କୁଲ ପରିସରରେ ବାଉଁଶରାଣୀ ଖେଳ ଦେଖାଇବା ଅବସରରେ ସବିତା କହିବସିଥିଲେ ତାଙ୍କ ଜୀବନ ସଂଘର୍ଷର କାହାଣୀ। ପିଲାଦିନୁ ସେ ନିଜ ମା'ଙ୍କୁ ହରାଇଛନ୍ତି। ସାବତ ମା'ଙ୍କ ଦାଉରୁ ବର୍ତ୍ତିବା ପାଇଁ ସେ ୭ ବର୍ଷ ବୟସରୁ ବାଉଁଶରାଣୀ ସାଜି ଖେଳ ଦେଖାଇ ଆସୁଛନ୍ତି। ଓଡ଼ିଶାକୁ ଆସିବା ପରେ କଟକ ଆଦି ବିଭିନ୍ନ ସ୍ଥାନରେ ଖେଳ ଦେଖାଇ ଏବେ ଭଦ୍ରକକୁ ଆସିଛନ୍ତି। ତାଙ୍କୁ ଏଥିରେ ଦାଦା ଅଜୟ ଓ ଖୁଡି ସହାୟତା କରୁଛନ୍ତି। ଏଥିରୁ ଯାହା ରୋଜଗାର ହେଉଛି ସେଥିରେ ୬ ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ତାଙ୍କ ଖେଳ ଦେଖି ଦେଖଣାହାରୀ କରତାଳି ମାରିଲେ ପେଟ ପୁରିଗଲା ଭଳି ଲାଗେ। ଖେଳ ସରିଲେ ସେମାନଙ୍କ ମଧ୍ୟରୁ କିଏ ଟଙ୍କାଏ ଦୁଇଟଙ୍କା ଦିଅନ୍ତି। ଦିନ ସାରା ଖେଳ ଦେଖାଇ ସନ୍ଧ୍ୟା ହୋଇ କ୍ଳାନ୍ତ ହୋଇପଡନ୍ତି ସବିତା। ହାଇସ୍କୁଲ ପାଖ ପାଚେରି କୋଣରେ ଟଣାଯାଇଥିବା ଏକ ପାଲ ତଳେ ସେ ଦାଦା ଓ ଖୁଡିଙ୍କ ସହ ଶୋଇପଡ଼ିଥାନ୍ତି। ପେଟ ପାଇଁ ଏଭଳି ନାଟ କରିବାକୁ ପଡୁଛି ବୋଲି ସବିତା କହିଛନ୍ତି।





ଐତିହାସିକ ଭଦ୍ରକ କାଳୀପୂଜା ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ବିଜେଡି ହଟାଅ ରାଜ୍ୟ ବଞ୍ଚାଅ।
ଡ. ପ୍ରଦୀପ ନାୟକ
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭଦ୍ରକ ବିଧାନସଭା ପ୍ରାର୍ଥୀ– ଭଦ୍ରକ


ଐତିହାସିକ କାଳୀପୂଜା ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା।
ସୁରଜିତା ନାୟକ
ଓଷ୍ଟା ରାଜ୍ୟ ସମ୍ପାଦିକା ତଥା ଶିକ୍ଷକନେତ୍ରୀ, ଭଦ୍ରକ


ଭଦ୍ରକ କାଳୀପୂଜା ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଦିବ୍ୟସିଂ ନାୟକ
ବରିଷ୍ଠ ଆଇନଜୀବୀ, ଭଦ୍ରକ


ପ୍ରଗତିଶୀଳ ଜନଗୋଷ୍ଠୀ ହେଉଛି ବିଶ୍ୱ ଇତିହାସର ଏକ ନିଷ୍ପତ୍ତିମୂଳକ ଉପାଦାନ। ପୃଥିବୀର ସବୁଠାରୁ ଗତିଶୀଳ ବୈଜ୍ଞାନିକ ବାଦଶକ୍ତି। ଆଶା ମା' କାଳୀ ସମସ୍ତଙ୍କ ମନରେ ସରସତା ଭରିଦେଉ ଏବଂ ସମାଜକୁ ସୁସ୍ଥକରି ଗଢି ତୋଳିବାକୁ ପ୍ରେରଣା ଓ ନୀତିନିଷ୍ଠ ଜୀବନ ଯାପନ କରିବାରୁ ଉତ୍ସାହିତ କରୁ।
ଗିରିଧାରୀ ନାଥ
ଅଧ୍ୟକ୍ଷ, ଜିଲ୍ଲା ପ୍ରଗତିଶୀଳ ସାହିତ୍ୟ ପରିଷଦ, ଭଦ୍ରକ


କାଳୀପୂଜା ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଅଞ୍ଜନା ମିଶ୍ର
ସମାଜସେବୀ
ଫ୍ଲୋରା ବିୟୁଟି ପାର୍ଲର, କଲେଜ ରୋଡ, ଭଦ୍ରକ


ମା କାଳୀ ଜିଲ୍ଲାର ସମସ୍ତ ଭାଇ ଭଉଣୀ ଓ ଗୁରୁଜନ ମାନଙ୍କୁ ସୁଖ, ଶାନ୍ତି, ସମୃଦ୍ଧି ଭରିଦେଉ। ଏହାହିଁ ମୋର କାମନା।
ନଳିନୀ କାନ୍ତ ମହାନ୍ତି
ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି, ଭଦ୍ରକ








ମା କାଳୀ ନାରୀମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ଲଢିବାକୁ ଶକ୍ତି ଦିଅନ୍ତୁ। କାଳୀପୂଜାରେ ଭଦ୍ରକବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ରାଜଲକ୍ଷ୍ମୀ ମହାପାତ୍ର
ସଭାପତି, ମାନବାଧିକାର ସୁରକ୍ଷା, ଭଦ୍ରକ


କାଳୀପୂଜାରେ ଭଦ୍ରକବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ମନସ୍ୱିତା ଖୁଣ୍ଟିଆ
ବିଜେପି ଜିଲ୍ଲା ମହିଳା ସଭାନେତ୍ରୀ, ଭଦ୍ରକ
ଦୁର୍ନୀତି ମୁକ୍ତ ଓଡ଼ିଶା ଗଠନ ପାଇଁ ବିଜେପି ସହ ହାତ ମିଳାନ୍ତୁ।


କାଳୀପୂଜାରେ ଭଦ୍ରକବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଭାତ ଜେନା
ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ, ଭଦ୍ରକ
ଭ୍ରଷ୍ଟାଚାର ମୁକ୍ତ ଭଦ୍ରକ ଗଠନ ପାଇଁ ବିଜେପି ହିଁ ଏକମାତ୍ର ବିକଳ୍ପ।

କାଳୀପୂଜାରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଫୁଲ ଚନ୍ଦ୍ର ଆଇଟିଆଇ
ଜଗନ୍ନାଥପୁର, କଲେଜ ରୋଡ, ଭଦ୍ରକ
ଅଗ୍ରଣୀ ଶିଳ୍ପ ତାଲିମ କେନ୍ଦ୍ର
ନିଶ୍ଚିତ କର୍ମ ନିଯୁକ୍ତି
DDUGKY ମାଧ୍ୟମରେ ମାଗଣାରେ ତାଲିମ ପାଇଁ ଯୋଗାଯୋଗ କରନ୍ତୁ।
TRADE - Fitter, Electrician, Electronics & Computer

# ଫଳଚାରା, ଛତୁଆ ବଣ୍ଟନର ତଦନ୍ତ ହେବ

**ଖଇରା ପଞ୍ଚାୟତ ସମିତିର ୫ମ ଅଧିବେଶନ**

- ବିଭିନ୍ନ କାର୍ଯ୍ୟରେ ଅନିୟମିତତା ନେଇ ଉଦ୍‌ବେଗ
- ୨୦୧୭ରେ ଫସଲ ନଷ୍ଟ ସତ୍ତ୍ୱେ ଚାଷୀଙ୍କୁ ମିଳିନି କ୍ଷତିପୂରଣ

**ଖଇରା,୧୪।୧୧(ଡି.ଏନ.ଏ.)**

ଫଳଚାରା ଓ ଛତୁଆ ବଣ୍ଟନରେ ଅନିୟମିତତା ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅବ୍ୟବସ୍ଥା ହେବା ନେଇ ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ୫ମ ଅଧିବେଶନରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ମଙ୍ଗଳବାର ଖଇରା ବ୍ଲକ୍ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ଏହି ଅଧିବେଶନରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ସଭାପତିତ୍ୱ କରିଥିଲେ। ଗ୍ରାମ୍ୟ ଉନ୍ନୟନ ରାସ୍ତା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ମହିଳା ଓ ଶିଶୁ ବିକାଶ, ଓଡିଶା ଜୀବିକା ମିଶନ, ପାନୀୟଜଳ ସମସ୍ୟା ନେଇ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ଫଳଚାରା ଓ ଛତୁଆ ବଣ୍ଟନ ଦୁର୍ନୀତିର ତଦନ୍ତ ଲାଗି ଏକ କମିଟି ଗଠନ କରାଯିବାକୁ ବୈଠକରେ ସ୍ଥିର ହୋଇଥିବା ଜଣାପଡିଛି।

ବୈଠକ ପ୍ରାରମ୍ଭରେ ପୂର୍ବ ବିବରଣୀ ପାଠ ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀ ଲୋକପ୍ରତିନିଧିଙ୍କୁ ବିବରଣୀର ନକଲ ୭ଦିନ ଆଗରୁ ଦେବାର ନିୟମ ଥିଲେ ମଧ୍ୟ ଏହାକୁ ଉଲ୍ଲଂଘନ କରାଯାଇଥିବା ବର୍ତ୍ତନା ସମିତି ସଭ୍ୟ ରଘୁନାଥ ପଣ୍ଡାଙ୍କ ସମେତ ଅନ୍ୟ ଲୋକପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହାପରେ ନଳକୂପ ଖନନରେ ହୋଇଥିବା ଦୁର୍ନୀତି ଚର୍ଚ୍ଚାକୁ ଆସିଥିଲା। ଚତୁର୍ଥ ଅର୍ଥ କମିଶନରେ ପଞ୍ଚାୟତକୁ ନଳକୂପ ଖନନ ଦାୟିତ୍ୱ ଦିଆଯାଇଥିଲେ ହେଁ ସରଞ୍ଜାମ କିଣିବା ପାଇଁ ବ୍ଲକରେ ଅର୍ଥ ଜମା କରି ଯନ୍ତ୍ରାଂଶ ନେବାକୁ ପଡୁଛି। ବ୍ଲକରୁ ମିଳୁଥିବା ସରଞ୍ଜାମର ମୂଲ୍ୟ ବଜାର ମୂଲ୍ୟଠାରୁ ଯଥେଷ୍ଟ ଅଧିକ ରହୁଛି। ଏ କ୍ଷେତ୍ରରେ ନାନା ଅନିୟମିତତା ହୋଇଥିବା ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଉପାଧ୍ୟକ୍ଷ ଦାବି କରିଥିଲେ। ସେହିପରି ବଜାର ରାସ୍ତା ଆଲୋକୀକରଣ ଲାଗି ଅର୍ଥ ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ବିଭିନ୍ନ ଆଳରେ ଏହାକୁ ଅଟକାଇ ରଖିଥିବା ଅଭିଯୋଗ ହୋଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉଳ ଗ୍ରାମ୍ୟ ଉନ୍ନୟନ ବିଭାଗର ନୂତନ ନିୟମାବଳୀ ଉପରେ ଆଲୋଚନା କରି କହିଥିଲେ,୧୦ବର୍ଷ ତଳର ନିର୍ମିତ ପ୍ରଧାନମନ୍ତ୍ରୀ ସଡକକୁ ପୁନଃ ନିର୍ମାଣ କରାଯିବା ଲକ୍ଷ୍ୟରହିଛି। ଏଥି ଲାଗି ପ୍ରତ୍ୟେକ ବର୍ଷ ୧୨କି.ମି ରାସ୍ତା ନିର୍ମାଣ କରାଯିବ। ଖଇରା ବ୍ଲକର ୨୧୪ ପ୍ରଧାନମନ୍ତ୍ରୀ ସଡକର ଏକ ସାରଣୀ ପ୍ରସ୍ତୁତ କରାଯାଇଛି। ପ୍ରଥମ ବର୍ଷ ଅଡା – ଅନ୍ତରା ଓ ଓଖାପୋଖରୀରୁ ସାରଡାଙ୍ଗ ଦେଇ ଚୁଡୁଙ୍ଗା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଥିଲେ।

୨୦୧୭ରେ ଫସଲ ନଷ୍ଟ ହୋଇଥିବା ଭୋଗପୁର ଓ ପାଇକାଳପୁର ଗ୍ରାମବାସୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳି ନ ଥିବାରୁ ସରପଞ୍ଚ ମଧୁସୂଦନ ମାଝି ଅଭିଯୋଗ କରିଥିଲେ। ଗମ୍ଭାରିଆ ଗ୍ରାମରେ ଚାଷୀ ଆତ୍ମହତ୍ୟା ଅଭିଯୋଗ ସମ୍ପର୍କରେ ଲୋକପ୍ରତିନିଧିମାନେ ପ୍ରଶ୍ନ ପଚାରି ସତ୍ୟାସତ୍ୟ ଜାଣିବାକୁ ଚାହିଁଥିଲେ। ବର୍ତ୍ତମାନ ଧାନ ଫସଲରେ ଚକଡାପୋକ ଲାଗି ବହୁ କ୍ଷତି ଘଟିଥିବା ଅଭିଯୋଗ ହୋଇଥିଲା। ସହକାରୀ କୃଷି ଅଧିକାରୀ ବାସୁଦେବ ରାଉତ କ୍ଷୟକ୍ଷତି ଅଭିଯୋଗକୁ ଖଣ୍ଡନ କରି ବକ୍ତବ୍ୟ ରଖିଥିଲେ। ଉଦ୍ୟାନ ମିଶନରେ ଦିଆଯାଇଥିବା ଆମ୍ବ, ନଡିଆ, କଦଳୀ ଓ ଅମୃତଭଣ୍ଡା ଚାରା ରୋପଣରେ ବ୍ୟାପକ ହରିଲୁଟ କରାଯାଇଥିବା ଓ ୩୭ ପଞ୍ଚାୟତର ପିଲାଙ୍କୁ ନିମ୍ନମାନର ଛତୁଆ ଦିଆଯାଉଥିବା ନେଇ ବଡଜୟୀପୁର ସରପଞ୍ଚ ସଞ୍ଜୟ ପଣ୍ଡା, ଶ୍ୟାମସୁନ୍ଦରପୁର ସମିତିସଭ୍ୟ ରବୀନ୍ଦ୍ର ମହାନ୍ତି, ଅଚ୍ୟୁତପୁର ସରପଞ୍ଚ ମାୟାଧର ଦାସ ପ୍ରମୁଖ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଯାଞ୍ଚ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ନୂତନ ୧୦୦ଟି ଅଙ୍ଗନୱାଡି ଗୃହ ନିର୍ମାଣ ଲାଗି ବ୍ଲକକୁ ମଞ୍ଜୁରୀ ମିଳିଥିବା ସମ୍ପର୍କରେ ସିଡିପିଓ ନର୍ମଦା ଦେଓ ପ୍ରକାଶ କରିଥିଲେ। ବୈଠକରେ ବିଡିଓ ମହେଶ ଚୌଧୁରୀ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, କଳ୍ପନା ନାଇକ, ବିଇଓ ଧରଣୀଧର ପାତ୍ର, ଉଦ୍ୟାନ ଅଧିକାରୀ ପ୍ରଦୀପ କୁମାର ବଳ, ସହକାରୀ କୃଷି ଅଧିକାରୀ ବାସୁଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରୂପ୍‌ସା,୧୪।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଛାନୁଆ ପଞ୍ଚାୟତ ଅନ୍ତର୍ଗତ ଛାନୁଆ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ବୁଧବାର ଉଦ୍ଧାର କରିଛି। ମୃତ ଯୁବକ ହେଲେ ଧୀରେନ୍ଦ୍ର ପାତ୍ର (୨୩)। ଏ ସଂକ୍ରାନ୍ତରେ ବସ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୨/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଗାଁ ପାଖ ଭଦ୍ରେସିଆପଦାରେ ଥିବା ଏକ କରଞ୍ଜ ଗଛରେ ଧୀରେନ୍ଦ୍ର ବେକରେ ଦଉଡ଼ି ଦେଇ ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପାରିବାରିକ କଳହ ଯୋଗୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ନେଇଥିବା ଗ୍ରାମବାସୀ କହିଛନ୍ତି। ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ଧନେଶ୍ୱର ସାହୁ ପ୍ରକାଶ କରିଛନ୍ତି।

### ଚୋରା ମଦ ବେପାରୀ ଗିରଫ

**ଔପଦା, ୧୪।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ଥାନା ଅନ୍ତର୍ଗତ ପ୍ରତାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୪୦ ଲିଟର ଦେଶୀ ମଦ ଗ୍ରାମର ମହିଳା ଓ ପୁରୁଷ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଔପଦା ଥାନାରେ ଦେଇଛନ୍ତି। ଗ୍ରାମର ଜଗନ୍ନାଥ ବାରିକ (୩୦) ଦେଶୀ ମଦ ବେପାର କରିବା ସହିତ ଗ୍ରାମବାସୀ ଯେତେ ମନାକଲେ ମଧ୍ୟ କାହାରିକୁ ଖାତିର କରୁନଥିଲା ।ବାଧ୍ୟ ହୋଇ ଗ୍ରାମର କିଛି ମହିଳା ଓ ପୁରୁଷ ଏକତ୍ର ହୋଇ ତାଙ୍କ ଘରଉପରେ ଚଢାଉ କରି ଏକ ଡ୍ରମରେ ଥିବା ୪୦ ଲିଟର ଦେଶୀ ମହୁଲି ମଦ ସହିତ ବେପାରୀ ଜଗନ୍ନାଥଙ୍କୁ ଧରି ନିକଟସ୍ଥ ଔପଦା ଥାନାକୁ ଖବରେ ଦେଇଥିଲେ । ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଖବରପାଇ ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କୁ ଧରିବା ସହିତ ୪୦ ଲିଟର ମଦ ଜବତ କରିଥିଲେ। ଏନେଇ ଔପଦା ପୋଲିସ ଏକ ମାମଲା (ନଂ.୬୯/୧୮) ରୁଜୁ କରିଛି।

# ନୀଳଗିରିକୁ ପୁଣି ପଶିଲେ ଝାଡ଼ଖଣ୍ଡ ହାତୀପଲ



ଚାଷଜମିରେ ଝାଡ଼ଖଣ୍ଡୀ ହାତୀପଲ।

**ସଜନାଗଡ଼,୧୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ପୁଣି ବୁଧବାର ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ୪୪ରୁ ଊର୍ଦ୍ଧ୍ୱ ହାତୀ ପଲ ପ୍ରବେଶ କରିଛନ୍ତି। ହାତୀମାନେ ମୟୂରଭଞ୍ଜର ରାସଗୋବିନ୍ଦପୁରରେ ଥିବା ଦଳରୁ ଅଲଗା ହୋଇ ନୀଳଗିରି ରେଞ୍ଜ ଅଧୀନ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୪ ଦନ୍ତା, ଛୁଆହାତୀ ଥିବା ଦେଖିବାକୁ ମିଳିଛି। ହାତୀମାନେ ଉକ୍ତ ଜଙ୍ଗଲକୁ ଲାଗି ରହିଥିବା ଚାଷଜମିରେ ଧାନ ଖାଉଥିବା ଦେଖିବାକୁ ମିଳିଛି। ଏତେ ସଂଖ୍ୟକ ହାତୀଙ୍କୁ ନେଇ ବନାଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

୧୫ଦିନ ତଳେ ଉକ୍ତ ଅଞ୍ଚଳକୁ ଅନ୍ୟ ଏକ ହାତୀପଲ ଆସି ବ୍ୟାପକ କ୍ଷତି କରିଥିବା ବେଳେ ପୁଣିଥରେ ହାତୀପଲ ଫେରିବା ଯୋଗୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବନବିଭାଗ ପକ୍ଷରୁ ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର, ଫରେଷ୍ଟର, ସବୁଜବାହିନୀ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି।

# ବିସିଜେଡିରେ ମିଶିଲେ ଶତାଧିକ ଛାତ୍ରନେତା

**ବାଲେଶ୍ୱର ଅଫିସ,୧୪।୧୧**



ନୂତନ ଭାବେ ଯୋଗଦେଇଥିବା କର୍ମକର୍ତ୍ତା।

ବାଲେଶ୍ୱର ବିଜୁ ଛାତ୍ର ଜନତା (ବିସିଜେଡି) ପକ୍ଷରୁ ବୁଧବାର ଏମ୍‌ପି ଅଫିସ୍‌ରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ଏମ୍‌ପି ତଥା ଜିଲାସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ଛାତ୍ରାଭିମୁଖୀ କାର୍ଯ୍ୟଶୈଳୀରେ ଆକର୍ଷିତ ହୋଇ ଜିଲାସଭାପତି ସିମନ ଦାସମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ବିଜୁ ଛାତ୍ର ଜନତା ଦଳରେ ଯୋଗଦେଇଥିଲେ। ବିଜୟ ଜେନା, ମଦନ ମୋହନ ସାହୁ, ପ୍ରମୋଦ ମଲ୍ଲିକ, ବିକାଶ ମଲ୍ଲିକ, ଚିନ୍ମୟ ପାତ୍ର, ସଞ୍ଜୟ ଦେବତା, ଡାଲଟନ ଦାସ, ଶେଖ ବାହିଦୁଲ୍ଲା, ଆକାଶ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ଜିଲା ମହାସଚିବ କୁଶାଳ ଚାଟାର୍ଜୀ, ଟାଉନ ସଭାପତି ବ୍ରଜ କିଶୋର ପ୍ରଧାନ, ସଦର ସଭାପତି ଭବାନୀ ପଣ୍ଡା, କିରଣ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ଖଇରା,୧୪।୧୧(ଡି.ଏନ.ଏ.)**

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ସାଲୋ ଗ୍ରାମସ୍ଥିତ ବାମନେଶ୍ୱର ମହାଦେବ ପ୍ରାଙ୍ଗଣରେ ୧୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପଣ୍ଡିତ ପରମାନନ୍ଦ ମିଶ୍ର, ପ୍ରଭାତ ପଣ୍ଡା, ଗୋପବନ୍ଧୁ ତିଆଡି, ଗେଡୁ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ବାମନେଶ୍ୱରଙ୍କ ସ୍ନାନ ସହିତ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ବାମନେଶ୍ୱର ଯଜ୍ଞ କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ଦାଶ ସମ୍ପାଦକ ବଳରାମ ପଣ୍ଡାଙ୍କ ସମେତ ଯଜ୍ଞ କମିଟିର ସମସ୍ତସଭ୍ୟ ଦିବସବ୍ୟାପୀ ଯଜ୍ଞକର୍ମ ପରିଚାଳନାରେ ସହଯୋଗ କରିଥିଲେ। ଆଖପାଖ ଗ୍ରାମରୁ ୫ହଜାରରୁ ଅଧିକ ଲୋକ ଭକ୍ତିପୂତ ଅର୍ଘ୍ୟ ପ୍ରଦାନ କରିଥିଲେ ।

### ଦଉଡ଼ି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବସ୍ତା, ୧୪।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତାଥାନା ଅନ୍ତର୍ଗତ ଛାନୁଆ ଅଞ୍ଚଳରେ ଧୀରେନ ପାତ୍ର ନାମକ ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତଦେହକୁ ନିଜ ଘର ଠାରୁ ୨କି.ମି. ଦୂର ଭଦ୍ରସିଆ ମୌଜା ଚାଷଜମି ମଧ୍ୟରେ ଥିବା ଏକ କରଞ୍ଜ ଗଛରେ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି । ଘରୋଇ କଳହକୁ କେନ୍ଦ୍ର କରି ସେ ଫାଶୀ ଦେଇଥିବା ପୋଲିସ ସନ୍ଦେହ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ‘ଆମକୁ ମୂଳପଞ୍ଚାୟତରେ ରଖ’

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ଝଳଝଳିଆ ଗ୍ରାମବାସୀ**

**ବାହାନଗା, ୧୪।୧୧(ଡି.ଏନ.ଏ.)**

ପଞ୍ଚାୟତ ପୁନର୍ଗଠନକୁ ବିରୋଧ କରି ବାଲେଶ୍ୱର ଜିଲା ବାହାନଗା ବ୍ଲକ ଝଳଝଳିଆ ଗ୍ରାମବାସୀ ମୂଳପଞ୍ଚାୟତରେ ରହିବା ପାଇଁ ପୁନର୍ବାର ଦାବି ଦୋହରାଇ ବାଲେଶ୍ୱର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମୂଳପଞ୍ଚାୟତ ଗୋପାଳପୁରରୁ ବାଦ ହୋଇ ଝଳଝଳିଆ ଗ୍ରାମର ୨ଟି ୱାର୍ଡ ନୂତନ ପଞ୍ଚାୟତ ଓଡଶାଳ ପଞ୍ଚାୟତରେ ମିଶିଛି। ଗତ ପଞ୍ଚାୟତ ନିର୍ବାଚନରେ ଏହି ୨ ୱାର୍ଡବାସୀ ଏହାକୁ ବିରୋଧ କରି ମତଦାନରୁ ବିରତ ରହିଥିଲେ । ରାଜ୍ୟ ସରକାର ପରେ ଉକ୍ତ ଗ୍ରାମର ଦୁଇଟି ୱାର୍ଡରେ ଉପନିର୍ବାଚନ କରାଇ ଥିଲେ ମଧ୍ୟ ଗ୍ରାମର କୌଣସି ଜଣେ ବ୍ୟକ୍ତି ୱାର୍ଡ ସଭ୍ୟ ନିମନ୍ତେ ପ୍ରାର୍ଥୀ ହୋଇ ନ ଥିଲେ । ଫଳରେ ଏହି ଦୁଇଟି ୱାର୍ଡରେ କୌଣସି ୱାର୍ଡ ସଭ୍ୟ ନାହାନ୍ତି । ହେଲେ ସରକାରୀ ସ୍ତରରେ ଏଯାଏ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ନୂତନ ପଞ୍ଚାୟତ ଗଠନ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଗ୍ରାମବାସୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବହୁ ଦୂରରେ ରହିଛନ୍ତି । ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ଭୌଗୋଳିକ ଅବସ୍ଥିତି ଓ ଅନ୍ୟାନ୍ୟ କାରଣରୁ ସେମାନେ ମୂଳପଞ୍ଚାୟତରେ ରହିବା ସକାଶେ ଦାବି କରି ବାହାନଗା ବିଡିଓ, ଜିଲା ଡିପିଓ, ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ୨୦୧୭ ମସିହାରେ ପଞ୍ଚାୟତ ପୁନର୍ଗଠନ ବେଳେ ଗ୍ରାମବାସୀଙ୍କ କୌଣସି ମତାମତ ନ ନେଇ ଦୁଇଟି ୱାର୍ଡକୁ ଗୋପାଳପୁର ପଞ୍ଚାୟତରୁ କାଟି ନବଗଠିତ ଓଡଶାଳ ପଞ୍ଚାୟତ ସହିତ ମିଶାଇ ଦିଆଯାଇଥିଲା। ଗ୍ରାମବାସୀ ସେତେବେଳେ ଏହାକୁ ବିରୋଧ କରିଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ଏହି ଗ୍ରାମର ପ୍ରଦୀପ ଚନ୍ଦ୍ର ବିଶ୍ୱାଳ, ରତ୍ନାକର ସେନାପତି, ରାଜେଶ କୁମାର ମିଶ୍ର, ସବିତା ଅଗସ୍ତି ପ୍ରମୁଖଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ସାକ୍ଷାତ କରି ଉକ୍ତ ଗ୍ରାମକୁ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେବା ସହିତ ମୂଳ ପଞ୍ଚାୟତ ଗୋପାଳପୁର ସହିତ ରଖିବା ପାଇଁ ଦାବି କରିଛନ୍ତି। ଜିଲାପାଳ ଏହି ଦାବିକୁ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।

DADLS-176

ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା

ତା.୧୭.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
କୁଇଜ ପ୍ରତିଯୋଗିତା
ବର୍ଗ -ଅଷ୍ଟମ ରୁ ଦଶମ ଶ୍ରେଣୀ
ବକ୍ତୃତା ପ୍ରତିଯୋଗୀତା — ସମୟ ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

ତା.୧୯.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା — ସମୟ – ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ

- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇଦିଆଯିବ । ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୧୭.୧୧.୨୦୧୮ରିଖ(ପ୍ରବନ୍ଧ, କୁଇଜ ଓ ବକ୍ତୃତା) ଏବଂ ୧୯.୧୧.୨୦୧୮(ପ୍ରବନ୍ଧ ଓ ବକ୍ତୃତା) ସନ୍ଧ୍ୟା ୫.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0388/1819

### ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ବାଲେଶ୍ୱର ଅଫିସ, ୧୪।୧୧**

ବାଲେଶ୍ୱର ଶୋଭାରାମପୁର ସ୍ଥିତ ବାଲେଶ୍ୱର ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅନ୍ନଦା ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଅଧ୍ୟାପିକା ସଙ୍ଗୀତା ଦାସ, ଅଧ୍ୟାପିକା ଡ. ବନ୍ଦନା ବାରିକ୍ ତଥା ଖେଳ ଶିକ୍ଷକ ଓ ଏହି ଶିବିରର ସଂଯୋଜକ ଅରବିନ୍ଦ ଜେନା ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ନିଜ ଆତ୍ମରକ୍ଷାର ଉପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଜଣେ ଛାତ୍ରୀ ନିଜକୁ ଅସୁରକ୍ଷିତ ମନେ କରିବା ଉଚିତ୍ ନୁହେଁ। ଅସୁରକ୍ଷିତ ମନେ କଲେ ନିଜର ସୁରକ୍ଷା କିପରି ନିଜେ କରିପାରିବ ତାର କୌଶଳ ଉକ୍ତ ଶିବିରରେ ଶିକ୍ଷାଲାଭ କରି ନିଶ୍ଚିତ ଭାବେ ଉପକୃତ ହେବେ ବୋଲି ସମସ୍ତେ ମତ ଦେଇଥିଲେ। ଏହା ସରକାରଙ୍କର ଏକ ଭଲ କାର୍ଯ୍ୟକ୍ରମ ବୋଲି ମଧ୍ୟ ଦର୍ଶାଇଥିଲେ । ୧୨ ଦିନ ଧରି ହେବାକୁ ଥିବା ଏହି ଶିବିରରେ ପ୍ରଶିକ୍ଷିକା ଭାବେ ଟ୍ରେନର୍ ଅନ୍ନପୂର୍ଣ୍ଣା ଦାସ ମଧ୍ୟ ଉପସ୍ଥିତ ଥିଲେ ଓ ସେ ସମସ୍ତ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀମାନଙ୍କୁ ଶିବିରର ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ।



## ସଂକ୍ଷେପରେ

### ‘ଶିଶୁ ଉତ୍ସବ ପୁଲକ’

ବାଲେଶ୍ୱର ଅଫିସ,୧୪।୧୧: ଦେଶର ବିଭିନ୍ନ ସ୍ଥାନରେ ଶିଶୁ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଉଥିବା ବେଳେ ବାଲେଶ୍ୱରର ଭିନ୍ନକ୍ଷମ ବିଦ୍ୟାଳୟରେ ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ସାଂସ୍କୃତିକ ଅନୁଷ୍ଠାନ ‘‘ପୁଲକ’’ ତରଫରୁ ଏହି ଅନୁଷ୍ଠାନରେ ‘‘ଶିଶୁ ଉତ୍ସବ ପୁଲକ-୨୦୧୮’’ ପାଳିତ ହୋଇଥିଲା। ପିଲାଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୃଷ୍ଟିହୀନ ପିଲାଙ୍କ ମଧରେ ଦୌଡ଼, ମ୍ୟୁଜିକ ଚେୟାର, ସଙ୍ଗୀତ, ମାଠିଆ ଫଟା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିବା ବେଳେ ମୂକ ଓ ବଧିର ପିଲାଙ୍କ ମଧରେ ଦୌଡ଼, ଜିଲାପି ଦୌଡ଼, ଅଖା ଦୌଡ଼, ପୁଚି, ଚିତ୍ରାଙ୍କନ, ରଙ୍ଗୋଲୀ, ନୃତ୍ୟ ପ୍ରତିଯୋଗିତା ଏବଂ ମାନସିକ ଅନଗ୍ରସର ପିଲାଙ୍କ ମଧରେ ଦୌଡ଼, ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ‘‘ଶିଶୁ ଉତ୍ସବ ପୁଲକ’’ର ସଭାପତି ଧୀରେନ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଜୀବନବିନ୍ଦୁ ଜିଲା ସଂଯୋଜକ ଆଶିଷ ଘୋଷ, ବାଲେଶ୍ୱର ନଗର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ରଞ୍ଜିତା ମହାପାତ୍ର ଯୋଗ ଦେଇଥିଲେ।

### ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଲୁଟ୍

ବସ୍ତା,୧୪।୧୧(ସ୍ୱ.ପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ବାଉଁଶମୁଖା ଗ୍ରାମରେ ଦୁର୍ବୃତ୍ତମାନେ ଜଣେ ମୋବାଇଲ ଦୋକାନୀଙ୍କ ଘରୁ ଆନୁମାନିକ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ, ସାମଗ୍ରୀ ଓ ନଗଦ ଟଙ୍କା ଲୁଟ୍ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଲାବଣ୍ୟ ଜେନାଙ୍କ ପୁଅ ସତ୍ୟଶଙ୍କର ଜେନାଙ୍କର ଏକ ମୋବାଇଲ ଦୋକାନ ବସ୍ତା ବଜାର ସ୍ଥିତ ଈଶ୍ୱରବର୍ତ୍ତୀ ମନ୍ଦିର ଫାଟକ ନିକଟରେ ରହିଛି। ଏହି ଦୋକାନରୁ ଦୁଇଥର ମୋବାଇଲ ଚୋରି ହେବା ପରେ ସେ ପ୍ରତ୍ୟେକ ଦିନ ସବୁ ସାମଗ୍ରୀ ଘରକୁ ନେଇ ପଳାଇଥାନ୍ତି। ପ୍ରତ୍ୟେକ ଦିନ ଭଳି ମଙ୍ଗଳବାର ରାତିରେ ସେ ଦୋକାନ ବନ୍ଦ କରି ବିଭିନ୍ନ ଦାମୀଦାମୀ ମୋବାଇଲ ଓ ସାମଗ୍ରୀ, ଲାପଟପ୍ ଓ ବିକ୍ରୟ ପାଇଁ ଦୋକାନୀ ଠାରୁ ଆଣିଥିବା ସାମଗ୍ରୀର ଟଙ୍କା ବୁଧବାର ପୈଠ କରିବା ପାଇଁ ୩ଲକ୍ଷ ଟଙ୍କା ଏକ ବ୍ୟାଗରେ ରଖି ତାଙ୍କ ଶୋଇବା ଘରେ ଥିବା କାନ୍ଥରେ ଏକ କଣ୍ଟାରେ ଟାଙ୍ଗିଥିଲେ। ରାତିରେ ଦୁର୍ବୃତ୍ତମାନେ ଝରକା ଦେଇ ବ୍ୟାଗ୍ ନେଇ ଯାଇଥିଲେ। ଏନେଇ ବସ୍ତା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

### ରାସ୍ତା ଉନ୍ନତୀକରଣ ନେଇ ଶିଳାନ୍ୟାସ

ସୋର, ୧୩।୧୧(ଡ଼ି.ଏନ୍.ଏ.): ସୋର ବ୍ଲକ ଅନ୍ତର୍ଗତ ଆଟପୁର ପଞ୍ଚାୟତ ଅନ୍ତର୍ଗତ ଆଟପୁର-ଖୁଣ୍ଟା ରାସ୍ତାର ଉନ୍ନତିକରଣ ନେଇ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ବ୍ୟୟ ଅଟକଳ ୪୪ଲକ୍ଷ୨୪ ହଜାର ୭୭୮ ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନତୀକରଣ ହେବ। ସୋର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଇଂ କୃତିବାସ ମହାପାତ୍ର , ବ୍ଲକ ସଭାପତି କମଳାକାନ୍ତ ଘଡ଼ାଇ ପ୍ରମୁଖ ଯୋଗଦେଇଥିଲେ ।


ବାହାନଗାରେ ଶିଶୁଦିବସରେ ଉପସ୍ଥିତ ଛାତ୍ରୀଛାତ୍ର।


ସିମୁଳିଆରେ ଶିଶୁଦିବସରେ ସମ୍ବର୍ଦ୍ଧିତ ପ୍ରତିଭା।


ଜଳେଶ୍ୱର ଗାନ୍ଧୀ ସେବାଶ୍ରମରେ ଶିଶୁଦିବସ ପାଳନ କରାଯାଉଛି।

# ‘ଶିଶୁ ହସିଲେ ଦୁନିଆ ହସେ’

ବାଲେଶ୍ୱର ଅଫିସ,୧୪।୧୧

ବାଲେଶ୍ୱର ଟାଉନ ହାଇସ୍କୁଲରେ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ‘ଶିଶୁଦିବସ’ ପାଳିତ ହୋଇଛି। ସକାଳ ୭ଟାରେ ପିଲାମାନେ ଆସି ବିଦ୍ୟାଳୟରେ ଉପସ୍ଥିତ ହୋଇଥିଲେ। ପ୍ରଧାନଶିକ୍ଷକ ପରେଶ ନାଥ କରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶୋଭନା ମିଶ୍ର ଏବଂ ଶିକ୍ଷକ ଦାମୋଦର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ‘ଶିଶୁ ହସିଲେ ଦୁନିଆ ହସେ’ ବୋଲି ପ୍ରଧାନଶିକ୍ଷକ କର ବକ୍ତବ୍ୟ ରଖି ଶିଶୁଙ୍କ ବିକାଶ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଲାମାନେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣ ଓ ପ୍ରତିଭାର ବିକାଶ ଘଟାଇ ଉଚ୍ଚମନା ହୋଇ ଦେଶମାତୃକାର ସେବା କରିବା ପାଇଁ ଅନ୍ୟ ବକ୍ତାମାନେ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ଦେଶ ବିକାଶ ପଥରେ ଆଗେଇ ପାରିବ ବୋଲି ସେମାନେ କହିଥିଲେ।

ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ରହି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପଅର୍ଘ୍ୟ ଅର୍ପଣ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ମଧ ଚାଚା ନେହେରୁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ସୁଷମା ପାଣିଗ୍ରାହୀ, ରଶ୍ମିରେଖା ବେରା, ନମିତା ମହାପାତ୍ର, ସୁମତି ରାଉତ, କଳ୍ପଲତା ରଥ, ଜୟନ୍ତୀ ଚାଷୀ, ସବିତା ପରିଡ଼ା, ଭାରତୀୟ ରାଉଳ, ଗୋପାଳ ପାଲ, ରାମକୃଷ୍ଣ ପଣ୍ଡା, ଶିଖାରାଣୀ ପାତ୍ର, ସସ୍ମିତା ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଦାମୋଦର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ‘ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ’

ବାଲେଶ୍ୱର ଅଫିସ,୧୪।୧୧: ବାଲେଶ୍ୱର ଟାଉନ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଖପରାପଦା ସ୍ଥିତ ବସ୍ତିରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଗହଣରେ ବୁଧବାର ଶିଶୁ ଦିବସ ପାଳନ କରାଯାଇଛି। ଟାଉନ ବିସିଜେଡି ସଭାପତି ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାମାଜିକକର୍ମୀ ସୁବାସିନୀ ଜେନା ଏବଂ ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ନଗର ପ୍ରତିନିଧି ମନୋଜ କୁମାର ରାଉତ, ବିସିଜେଡି ଜିଲାସଭାପତି ସିମନ ଦାସମହାପାତ୍ର ଯୋଗଦେଇଥିଲେ।

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ଏବଂ ଏହି ଭବିଷ୍ୟତକୁ ପ୍ରୋତ୍ସାହିତ କରିବାରେ ବିଜୁ ଛାତ୍ର ଜନତା ଦଳର ଏହି ପ୍ରୟାସକୁ ସାମାଜିକ କର୍ମୀ ସୁବାସିନୀ ଜେନା ଭୂୟସୀ ପ୍ରଶଂସା କରିଥିଲେ। ପିଲାମାନଙ୍କୁ ବଡ଼ ମଣିଷ ହେବାକୁ ଏବଂ ନୀତି ଆଦର୍ଶବାନ ହେବାକୁ ମନୋଜ କୁମାର ରାଉତ ପରାମର୍ଶ ଦେଇଥିଲେ। ପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଏବଂ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ବିସିଜେଡି ସଦର ସଭାପତି ଭବାନୀ ପଣ୍ଡା, ଜିଲା ଉପସଭାପତି ଓମ୍ ପ୍ରକାଶ ମହାପାତ୍ର, କିରଣ ନାଥ, ଦେବଶ୍ରୀ ମହାନ୍ତି, ଚିନ୍ମୟ ମହାନ୍ତି, ଶିବ ଶଙ୍କର ଦାସ, ସାୟମ କୁମାର ଆଚାର୍ଯ୍ୟ, ପ୍ଲାବନ ଦାସ, ପରଞ୍ଜୟ ଦାସ, ପ୍ରିତେଶ ନାୟକ, ଜୀବନ ସଂଗ୍ରାମ ମିଶ୍ର, ଶୁଭମ ନାୟକ, ଚିନ୍ମୟ ପରିଡ଼ା, ସୁଦୀପ୍ତ କୁମାର ବେହେରା, ଦେବବ୍ରତ ଭୂୟାଁ, ବଞ୍ଚିତ ପୋଇ ପ୍ରମୁଖ ଯୋଗଦେଇଥିଲେ।

### ୧୩ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ସିମୁଳିଆ,୧୪।୧୧(ଡି.ଏନ.ଏ.): ବୁଧବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାର୍କୋଣା ପରିସରରେ ଶିଶୁ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିମୁଳିଆ ବିଡିଓ ଡ. ନରହରି ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ପ୍ରାନ୍ତ ଜ୍ଞାନ ବିଜ୍ଞାନରେ ଅଂଶଗ୍ରହଣ କରି ମାର୍କୋଣା ଶିଶୁ ମନ୍ଦିରର ପ୍ରଥମ ହୋଇଥିବା ହେମନ୍ତ କୁମାର ନାୟକ, କଳ୍କେଶ ନାରାୟଣ ବେହେରା ଓ ଲକ୍ଷ୍ମୀପ୍ରିୟା ସିଂ, ସାଇଆଶିଷ ପଣ୍ଡା, ସୁବ୍ରତ କୁମାର ଜେନା, ବିଶ୍ୱଜିତ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏହି କୃତୀ ଛାତ୍ରୀଛାତ୍ରମାନେ ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ସେହିପରି ସଂସ୍କୃତି ପ୍ରଶ୍ନମଞ୍ଚରେ କୃତୀ ତ୍ରିଶାଖା ସାହୁ, ସାୟଙ୍ଗୀତା ବେହେରା, କ୍ଷୀରାବ୍ଧିତନୟା ଖଟୁଆ, ଗଣିତ ପ୍ରଶ୍ନ ବାଚନରେ ସ୍ନେହାଶିଷ ମହାନ୍ତି, ବୃତ୍ତି ପରୀକ୍ଷାରେ ପ୍ରଭାତ କୁମାର ମହାପାତ୍ର, ସ୍ୱୟଂସିଦ୍ଧା ବେହେରା, ଆଶୁତୋଷ ସାହୁ, ହିତେଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ଓ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ବେହେରା ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଲକ୍ଷ୍ମଣ କୁମାର ସାହୁ ଅତିଥି ପରିଚୟ, ଆଚାର୍ଯ୍ୟା ସ୍ନେହଲତା ପାଣିଗ୍ରାହୀ ଓ ଶିଶୁ ଭଉଣୀ ଚିନ୍ମୟୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଗତ ମଙ୍ଗଳ ଓ ବୁଧବାର ଦୁଇଦିନ ବ୍ୟାପୀ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସୋରରେ ବିଭିନ୍ନ ସ୍ଥାନରେ ଶିଶୁ ଦିବସ

ସୋର,୧୪।୧୧(ଡି.ଏନ୍.ଏ.): ସୋରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସୋର ସ୍ଥିତ ଭାରତୀୟ ବିଦ୍ୟାନିକେତନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଜବାହାରଲାଲ ନେହେରୁଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ସୋରସ୍ଥିତ କୃଷ୍ଣ ଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁଦିବସ ପାଳିତ ହୋଇଯାଇଛି । ବ୍ୟଙ୍ଗ କବି ଅନାଦି ଚରଣ ଜେନା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କେଦାରପୁର ଗ୍ରାମସ୍ଥ ଭୂମିପୁତ୍ର ସେବା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଷ୍ଠାନ ମୁଖ୍ୟ ଶିଶିର କୁମାର ଦାସଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ବେହେରା, ଅନ୍ୟତମ ଅତିଥି ଭାବେ ଜ୍ଞାନରଞ୍ଜନ ବେହେରା, ପରିଚାଳନା କମିଟି ସଭାପତି କମଳାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ।

## ଜମିଲା ବିଭିନ୍ନ ପ୍ରତିଯୋଗିତା

ବାଲେଶ୍ୱର ଅଫିସ,୧୪।୧୧


ଅତିଥିଙ୍କ ଦ୍ୱାରା ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ।

ବାଲେଶ୍ୱର ମେଘଡମ୍ବରୁ ସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲ ପରିସରରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କୌତୁକିଆ ପୋଷାକ ପ୍ରଦର୍ଶନୀ, ବକ୍ତୃତା, ବାଦ୍ୟଯନ୍ତ୍ର ପ୍ରତିଯୋଗିତା ପରିବେଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଭଗବାନ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଚାଚା ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ପରିମିତା ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ପୌରୋହିତ୍ୟ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଖଗେଶ୍ୱର ପତି ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସର୍ଦ୍ଦାର ପଟେଲ ମାର୍ଗ ସ୍ଥିତ ବିଦ୍ୟାଳୟରେ ଉପାଧକ୍ଷା ରାକ୍ଷୀ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଶିଶୁଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆକ୍ତର ମୁମତାଜ ଏବଂ ସମ୍ମାନିତ ଅତିଥି ଭାବେ ସୁମିତା ଚାନ୍ଦ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## ଶିଶୁ ଦେଶର ଭବିଷ୍ୟତ

ଜଳେଶ୍ୱର,୧୪ ।୧୧ (ଡି.ଏନ୍.ଏ.)

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଙ୍କ ୧୨୯ ତମ ଜନ୍ମ ତିଥୀ ଅବସରରେ ଆଜି ଜଳେଶ୍ୱର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ପ୍ରତିଷ୍ଠାନ ଗୁଡ଼ିକରେ ଶିଶୁ ଦିବସ ପାଳନ ଖୁବ୍ ଆଡ଼ମ୍ବରରେ ହୋଇଯାଇଛି। ସହରର ଶାନ୍ତିଆ ଗ୍ରାମସ୍ଥିତ ଗାନ୍ଧୀ ସେବାଶ୍ରମ ତଥା ଈଶ୍ୱରଲାଲ ଶିଶୁ ଭବନ ପରିସରରେ ଜଳେଶ୍ୱର ସ୍ଥିତ ତାଲୁକ ଆଇନ ସେବା କମିଟି ତରଫରୁ ଶିଶୁ ଦିବସ ପାଳନ କରାଯାଇଛି। କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି(ସବ୍‌ଜଜ୍) ବିନୋଦ ବିହାରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳନ କରାଯାଇଥିବା ଶିଶୁ ଦିବସରେ କନିଷ୍ଠ ଦେୱାନୀ ବିଚାରପତି (ମୁନ୍‌ସଫ) ପରିତୋଷ କୁମାର ସେଠୀ,ଉପ ଜିଲାପାଳ ନିଲୁ ମହାପାତ୍ର,ଆଇନଜୀବୀ ପତିତପାବନ ପ୍ରଧାନ, ରବୀନ୍ଦ୍ର ଦଣ୍ଡପାଟ, ମଦନମୋହନ ରାଉଳ, ସୁନୀଲ ଜେନା, ସାମାଜିକ କର୍ମୀ ସିତାଂଶୁ ସେନାପତି ପ୍ରମୁଖ ଉପସ୍ଥିତ ରହି ସେବାଶ୍ରମର ଅନ୍ତେବାସୀ ମାନଙ୍କ ସମ୍ମୁଖରେ ନେହେରୁଙ୍କ ଆତ୍ମଜିବନୀ ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଶିଶୁ ମାନଙ୍କ ସୁରକ୍ଷା ତଥା ଯତ୍ନ ନେବା ନିମନ୍ତେ ଆଇନରେ ଥିବା ପ୍ରାବଧାନ ସମ୍ବନ୍ଧରେ ବିଚାରପତି ଉପସ୍ଥିତ ଛାତ୍ରୀ ଛାତ୍ର ମାନଙ୍କୁ ଅବଗତ କରାଇଥିଲେ। ଶିଶୁର ଭବିଷ୍ୟତ ଗଢ଼ିବା ଦେଶର ମୂଳମନ୍ତ୍ର ହେବା ଉଚିତ୍ ବୋଲି ବିଚାରପତି ନିଜର ମତ ରଖିଥିଲେ। ଏହାସହିତ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ ଶିଶୁ ଦିବସ ପାଳନ କରାଯାଇଥିଲା।

## ସାର୍ଥାରେ ମାରାଥନ ବୈଠକ

ରୂପ୍‌ସା,୧୪।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସାର୍ଥା ପଞ୍ଚାୟତରେ ବୁଧବାର ଭାଜପା ପକ୍ଷରୁ ମାରାଥନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସଭାପତି ମଦନମୋହନ ଦତ୍ତ ଯୋଗଦେଇ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବୁଥ୍ ସଜାଡ଼ିବା ଲାଗି ପରାମର୍ଶ ଦେଇଥିଲେ। ୪୭ନଂ. ବୁଥ୍‌ରେ ଆୟୋଜିତ ଏହି ବୈଠକରେ ପଞ୍ଚୁପଡ଼ା ମଣ୍ଡଳ ପ୍ରଭାରୀ ତଥା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ଭୂଦେବ ସାହୁ, ସରପଞ୍ଚ ସାନିଆ ମୁର୍ମୁ, ସମିତିସଭ୍ୟା ଜୟନ୍ତୀ ମୁର୍ମୁ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ସତ୍ୟରଞ୍ଜନ ବାରିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମଞ୍ଜୁଶ୍ରୀ ଗାୟନ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କର ଦୁର୍ନୀତି, ଚାଷୀମାରଣ ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଯିବ ବୋଲି ସଭାପତି ଦତ୍ତ କହିଥିଲେ।

## ‘ମୋତେ ଷଡ଼ଯନ୍ତ୍ର କରି ଫସେଇ ଦିଆଯାଇଛି: ଦୈତାରି

ଔପଦା,୧୪।୧୧(ଡି.ଏନ.ଏ.)

‘ମୋତେ ଷଡ଼ଯନ୍ତ୍ର କରି ଫସାଇ ଦିଆଯାଇଛି। ଜଣେ ଅଭିନେତ୍ରୀ ମୋ ବିରୋଧରେ ଏତଲା ଦେବା ଏକ ବିଡମ୍ବନା। ଆଇନ ବ୍ୟବସ୍ଥା ଉପରେ ମୋର ଦୃଢ ବିଶ୍ୱାସ ରହିଛି । ଅଦାଲତରୁ ଉଚିତ ନ୍ୟାୟ ପାଇପାରିବି। ତେବେ ମୋ କଥାକୁ କଦର୍ଥ କରି ଏବେ ଗଣମାଧ୍ୟମରେ ମୋତେ ନିନ୍ଦିତ କରିବାକୁ ଅପଚେଷ୍ଟା କରାଯାଇଛି । ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ଦୈତାରି ପଣ୍ଡା ବୁଧବାର ବାଲେଶ୍ୱର ଜିଲା ଔପଦା ସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ।

ଜଣେ ଯାତ୍ରା ଅଭିନେତ୍ରୀ ଦୈତାରିଙ୍କ ବିରୋଧରେ କେତେକ ଅଭିଯୋଗ ଆଣିବା ପରେ ବର୍ତ୍ତମାନ ସେ ବିବାଦରେ ଛନ୍ଦି ହୋଇ ପଡିଛନ୍ତି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ବେଳେ ସେ କହିଥିଲେ, ଗତ ରବିବାର ଭଦ୍ରକରେ କୋଣାର୍କ ଗଣନାଟ୍ୟର ଡ଼ବଲ ଶୋ’ ମଞ୍ଚସ୍ଥ ହୋଇଥିଲା। ସେ ଅଭିନୟ ସାରି ସୋମବାର ଘରକୁ ଫେରିଥିଲେ। ତାଙ୍କ କଣ୍ଠ ପଡ଼ିଯାଇଥିବାରୁ ପଇଡ଼ା କାଟିବା ପାଇଁ ନିକଟସ୍ଥ ଏକ ଗ୍ରାମର ଜଣେ ଲୋକଙ୍କୁ ଡ଼ାକିବାକୁ ଯାଇଥିଲେ। ଏହି ସମୟରେ ଜଣେ ଖବରଦାତା ତାଙ୍କୁ ଭେଟି ଯାତ୍ରା ଅଭିନେତ୍ରୀଙ୍କ ଅଭିଯୋଗ ସମ୍ପର୍କରେ ପ୍ରତିକ୍ରିୟା ମାଗିଥିଲେ। ବର୍ତ୍ତମାନ ପରିସ୍ଥିତିରେ ସେ ପ୍ରତିକ୍ରିୟା ଦେଇ ପାରିବେନି ବୋଲି କହିବାରୁ ବଚସା ହୋଇଥିଲା। ସମ୍ପୃକ୍ତ ଖବରଦାତା ଏହାର ଭିଡିଓ ଉଠାଇ ଗଣମାଧମରେ ପ୍ରଚାର କରିଥିବାରୁ ଦୈତାରି କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ କଥାକୁ କଦର୍ଥ କରାଯାଇଛି ବୋଲି ସେ ଉପସ୍ଥିତ ଖବରଦାତା ସମ୍ମିଳନୀରେ କହିଥିଲେ। ସେ ଖବରଦାତାମାନଙ୍କୁ ବହୁତ ସମ୍ମାନ ଦିଅନ୍ତି । ସେମାନଙ୍କ ଲାଗି ସେ ଆଜି ସାରା ଓଡ଼ିଶାରେ ପରିଚିତ। ତାଙ୍କ କଥାକୁ ଭିନ୍ନ ଅର୍ଥରେ ନ ନେବାକୁ ସେ ଅନୁରୋଧ ଜଣାଇଥିଲେ।

## ଦୋସ୍ତି ସପ୍ତାହ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବକ୍ତା।

ବାଲିଆପାଳ,୧୪।୧୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଶିଶୁଦିବସ ଅବସରରେ ବାଲେଶ୍ୱର ଚାଇଲ୍ଡ ଲାଇନ ଏବଂ ସବ୍‌ସେଣ୍ଟର ବାଲିଆପାଳ ତରଫରୁ ସପ୍ତାହ ଉଦ୍‌ଘାଟନୀ ଉତ୍ସବ ବୁଧବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରାଇଡ୍‌ର ସଭାପତି ମାନସ ଦାସ ଯୋଗଦେଇ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରି ନେହେରୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

ସ୍ୱାଗତଭାଷଣରେ ଚାଇଲ୍ଡ ଲାଇନ୍‌ର ଜିଲା ମୁଖ୍ୟ ସୁଶାନ୍ତ କୁମାର ରାଉତ ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପିଲାମାନଙ୍କର ଅଧିକାର, ଯତ୍ନ ଓ ସୁରକ୍ଷା ପାଇଁ ଟୋଲ ଫ୍ରି ନମ୍ବର ୧୦୯୮କୁ ବହୁଳ ଭାବରେ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଚାଇଲ୍ଡ ଲାଇନ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରି ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସ୍କୁଲ ପିଲାମାନେ ମଧ ତାଙ୍କର ସ୍ୱମତ ବ୍ୟକ୍ତ କରି ତାଙ୍କର ସୁରକ୍ଷା ପାଇଁ ଉପସ୍ଥିତ ଅତିଥିମାନଙ୍କର ସହଯୋଗ କାମନା କରିଥିଲେ। ଆଗାମୀ ୭ଦିନ ପର୍ଯ୍ୟନ୍ତ ବ୍ଲକ ଓ ଜିଲାସ୍ତରରେ ‘ଦୋସ୍ତି’ କାର୍ଯ୍ୟକ୍ରମ ଚାଲୁ ରହିବାର ସୂଚନା ସୁଶାନ୍ତ କୁମାର ରାଉତ ପ୍ରଦାନ କରିଥିଲେ। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# କୃଷି, ଜଳନିଷ୍କାସନ ସମସ୍ୟାକୁ ଅଗ୍ରାଧିକାର ଦିଆଯିବ

- ଭୋଗରାଇ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ
- ସବୁ ସଦସ୍ୟଙ୍କ ମତାମତକୁ ଦିଆଯିବ ଗୁରୁତ୍ୱ
- ପୂର୍ବ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବା ନେଇ ଉଦ୍‌ବେଗ

ଭୋଗରାଇ,୧୪।୧୧(ଡି.ଏନ.ଏ.)

ପଞ୍ଚାୟତ ପ୍ରତିନିଧିଙ୍କ ଉପେକ୍ଷା କରାଯିବା ଭଳି ବିଭିନ୍ନ ପ୍ରସଙ୍ଗ ନେଇ ମଙ୍ଗଳବାର ଅନୁଷ୍ଠିତ ବାଲେଶ୍ୱର ଜିଲା ଭୋଗରାଇ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। କଥା କଟାକଟି ହୋଇ ମାଇକ୍ ଛଡ଼ାଛଡି ଭଳି ଘଟଣା ଘଟିଥିଲା। ବ୍ଲକରେ କୃଷି , ଜଳନିଷ୍କାସନ ଓ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହତାଧିକାରୀଙ୍କୁ ଉପେକ୍ଷା କରାଯିବା ନେଇ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବୈଠକ ଆରମ୍ଭରେ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରାଣୀ ବେହେରା ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବିରୋଧୀ କଂଗ୍ରେସ ଦଳର ସମିତିସଦସ୍ୟ ସନ୍ତୋଷ କୁମାର ଜେନା ପୂର୍ବ ପ୍ରସ୍ତାବ କାର୍ଯ୍ୟକାରୀ ନ କରି ଗୃହର ପ୍ରତିନିଧିଙ୍କୁ ପ୍ରତାରଣା କରାଯାଉଥିବା ଅଭିଯୋଗ କରିଥିଲେ। ଓଡ଼ିଶାର ସୀମାନ୍ତ ଶଙ୍ଖାମେଦୀଠାରୁ ଦେହୁର୍ଦ୍ଦା ପର୍ଯ୍ୟନ୍ତ ନାଳ ପୋତି ହୋଇ ପଡିଥିବାରୁ ପଶ୍ଚିମବଙ୍ଗପଟୁ ଉଦ୍‌ବୃତ୍ତ ବର୍ଷାପାଣି ଆସି ଜମି ରହୁଛି। ନାଳ ଖନନ କରି ଜଳନିଷ୍କାସନ କରିବା ଦିଗରେ ସରକାର ପଦକ୍ଷେପ ନେଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଧାନଜମିରେ ରୋଗପୋକ ଉପଦ୍ରବର ପ୍ରତିକାର ନ ହେବା ଏବଂ ରାଶନ ଯୋଗାଣରେ ଅନିୟମିତତା ହେଉଥିବା ବିଭିନ୍ନ ସଦସ୍ୟ ଅଭିଯୋଗ କରିଥିଲେ। ସଦସ୍ୟମାନେ ପଚାରୁଥିବା ଅଧିକାଂଶ ପ୍ରଶ୍ନର ଉତ୍ତର ଅଧକ୍ଷାଙ୍କ ପରିବର୍ତ୍ତେ ବିଡିଓ ଦେଉଥିବାରୁ ସମିତିସଦସ୍ୟ ଜେନା, ସରପଞ୍ଚ ଆଶିଷ କୁମାର ପାତ୍ର, ରତନ ବାଗ ପ୍ରମୁଖ ଏହାର ପ୍ରତିବାଦ କରିଥିଲେ। ଶାସକ ଦଳର ସରପଞ୍ଚ ତପନ କୁମାର ପଣ୍ଡା, ପ୍ରଦୀପ କୁମାର ବେହେରା, ସମିତିସଦସ୍ୟ ସୁଶାନ୍ତ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ ଏହାକୁ ବିରୋଧ କରି ସବୁ ପ୍ରଶ୍ନର ଉତ୍ତର ଦେବା ଅଧିକାର ବିଡ଼ିଓଙ୍କର ରହିଛି ବୋଲି କହିଥିଲେ। ଏହି ଅବସରରେ ଗୃହର ଉପସ୍ଥିତ ଅନ୍ୟ ସମସ୍ତଙ୍କୁ ପ୍ରଶ୍ନ ପଚାରିବାକୁ ସୁଯୋଗ ଦିଆଯାଉ ବୋଲି ସରକାରୀ ଦଳର ପ୍ରତିନିଧିମାନେ ଅଡ଼ି ବସିଥିଲେ।

ଗଣ୍ଡଗୋଳିଆ ସ୍ଥିତି ମଧ୍ୟରେ କୃଷି, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷି ବିଭାଗର ସହକାରୀ ଅଧିକାରୀ ରାଧାଗୋବିନ୍ଦ ଦେ ଅଣଧାନ ଚାଷ ଉପରେ ଗୁରୁତ୍ୱ ଆରୋପ କରିଥିଲେ। କୁମ୍ଭୀରଗଡ଼ିରେ ଧାନଜମିରେ ଚକଡ଼ା ପୋକ ଲାଗି ଥିବା ସରପଞ୍ଚ ରତନ କୁମାର ବାଗ ଅଭିଯୋଗ ବାଢିଥିଲେ। କୃଷି ଅଧିକାରୀ ଏହା ଚକଡ଼ା ନୁହେଁ ପତ୍ରପୋଡ଼ା ରୋଗ ବୋଲି କହି ଦୁଇଜଣ କୃଷିବିଜ୍ଞାନୀ ଏହାରକୁ ପରୀକ୍ଷା ନିରୀକ୍ଷା କରୁଥିବା ଦର୍ଶାଇଥିଲେ। ବାଲେଶ୍ୱର ଜିଲାକୁ ଅଧିକ କୃଷିଋଣ ଓ କୃଷି ସାମଗ୍ରୀ ଯୋଗାଇ ଦେବାକୁ ସରପଞ୍ଚ ଆଶିଷ କୁମାର ପାତ୍ର ଦାବି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ଭୋଗରାଇର ସ୍ୱାସ୍ଥ୍ୟସେବା ସମସ୍ୟାର ପ୍ରତିକାର ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଡା. ଉତ୍ତର ଦଣ୍ଡପାଟ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ରାତି ସାଢ଼େ ୭ରୁ ସାଢ଼େ ୮ ପର୍ଯ୍ୟନ୍ତ ଦୈନନ୍ଦିନ ହେଉଥିବା ବିଦ୍ୟୁତ୍ କାଟ୍ ବନ୍ଦ କରିବା ସକାଶେ କାନ୍ଥିଭୂୟାଁରୀ ପଞ୍ଚାୟତର ସରପଞ୍ଚ ଦାବି ଉପସ୍ଥାପନ କରିଥିଲେ। ବିଦ୍ୟୁତ୍ ବିଭାଗ ଏସ୍‌ଡ଼ିଓ ଭୁବନାନନ୍ଦ ସାହୁ ଗ୍ରୀଡ଼, ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ମରାମତି କାର୍ଯ୍ୟ ହେଉଥିବାରୁ ବିଦ୍ୟୁତ୍ କାଟ କରାଯାଉଛି ବୋଲି କହିଥିଲେ। ଖାଉଟି ସାମଗ୍ରୀ ଯୋଗାଣ ଆଲୋଚନା ବେଳେ ବାଦାନୁବାଦ ହୋଇ ଅଧକ୍ଷା ଏବଂ ବିଡିଓଙ୍କ ମାଇକ୍ରୋଫୋନ୍ ଛଡ଼ାଛଡ଼ି ହେବା ଭଳି ଘଟଣା ଘଟିଥିଲା। ଏ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଗରିବଙ୍କୁ ଉପେକ୍ଷା କରି ଧନୀଲୋକଙ୍କୁ ରାଶନକାର୍ଡ ଦିଆଯାଉଥିବା କଂଗ୍ରେସ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଦଳୀୟ ଭିତ୍ତିରେ ରାଶନକାର୍ଡ ବଣ୍ଟାଯାଉଛି ବୋଲି ଭାଜପା ସମର୍ଥିତ ସମିତିସଦସ୍ୟ ସୁନୀଲ କର କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ କୁମାର ଜେନା ରାଶନ କାର୍ଡ ଲାଗି ଟଙ୍କା ଆଦାୟ ହେଉଥିବା ଅଭିଯୋଗ କରିବାରୁ ସରକାରୀ ଦଳର ସରପଞ୍ଚ ତପନ ପଣ୍ଡା, ପ୍ରଦୀପ୍ତ କୁମାର ବେହେରା, ଶାନ୍ତିଲତା ବେହେରା, ଜିଲାପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ ଏହାର ପ୍ରତିବାଦ କରିଥିଲେ। ଶାସକ ଦଳ ଏବଂ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ଅଧକ୍ଷା ଏବଂ ବିଡ଼ିଓ ସବୁସଦସ୍ୟଙ୍କ ମତାମତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରାଯିବ କହିବାରୁ ଗୃହ ଶାନ୍ତ ପଡିଥିଲ। ପାନୀୟ ଜଳ ଯୋଗାଣ ବିଭାଗ ଏସ୍‌ଡିଓ ଅରୁଣ କୁମାର ବାରିକ ବିଶୁଦ୍ଧ ପାନୀୟଜଳ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଡ୍ରେନେଜ୍ ବିଭାଗର କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିଙ୍କୁ କୌଣସି ସୂଚନା ଦିଆଯାଉ ନାହିଁ ବୋଲି ସଦସ୍ୟମାନେ ମଧ ଅଭିଯୋଗ କରିଥିଲେ। ବୈଠକରେ ବିଡିଓ ଦୀପ୍ତିରଞ୍ଜନ ସେଠୀ, ପଞ୍ଚାୟତ ସମିତି ଉପାଧକ୍ଷ ଦୀପକ କୁମାର ଦାସ, ଗ୍ରାମପଞ୍ଚାୟତ ଅଫିସର ଶରତ କୁମାର ମୁଦୁଲି, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗୀୟ ଅଫିସର ଏବଂ ୫୦ ପଞ୍ଚାୟତର ସମିତି ସଦସ୍ୟ, ସରପଞ୍ଚ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯଶିପୁର ବ୍ଲକସ୍ତରୀୟ ବିଜ୍ଞାନ ମେଳା

ଯଶିପୁର, ୧୪।୧୧ (ଡି.ଏନ.ଏ.):ଯଶିପୁର ବ୍ଲକସ୍ତରୀୟ ବିଜ୍ଞାନମେଳା ଯଶିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବ୍ଲକ ଅଧକ୍ଷ ମାନଗୋବିନ୍ଦ ନାଏକ ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଯଶିପୁର କଲେଜ ବିଜ୍ଞାନ ଅଧାପକ ନୃବାସା ରଞ୍ଜନ ମହାନ୍ତ, ବିଆରସିସି କଲ୍ୟାଣ କୁମାର ସେଠୀ, ଶିକ୍ଷକ ପଟେଲ ମାଟିଆ ପ୍ରମୁଖ ଯୋଗ ଦେଇଥିଲେ । ଏହି ମେଳାରେ ମୋଟ ୮୨ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯଶିପୁର ବ୍ଲକ ଅଧକ୍ଷ ମାନଗୋବିନ୍ଦ ନାଏକ, ସମ୍ମାନିତ ଅତିଥି ଭାବେ ଜାମଦାସାହି ସରପଞ୍ଚ ଜ୍ୟୋତ୍ସ୍ନାମୟୀ ନାଏକ, ବିଆରସିସି କଲ୍ୟାଣ ସେଠୀ ଓ ତ୍ରିଲୋଚନ ନାଏକ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଗୌଡଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଖୁଣ୍ଟା ଲ୍ୟାମ୍ପ୍‌ସର ସାଧାରଣ ସଭା

ଖୁଣ୍ଟା,୧୪।୧୧ (ଡି.ଏନ.ଏ.): ଖୁଣ୍ଟା ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ପରିସରରେ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମିତି ସଭାପତି ସୁକେଶ୍ୱର ମଢେଇଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଲ୍ୟାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ ରଶ୍ମିତା ବେହେରା ଚଳିତବର୍ଷ ବିବରଣୀ ପାଠ କରିବା ସହିତ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ପରିସରରେ ପାଚେରି ନିର୍ମାଣ, ଚାଷୀଙ୍କଠାରୁ ସୁବିଧାରେ ଧାନ ସଂଗ୍ରହ କରିବା, ଲ୍ୟାମ୍ପ୍‌ସ ପକ୍ଷରୁ ବିହନ ଓ ସାର ବିକ୍ରି ସୁବନ୍ଦୋବସ୍ତ ଆଦି ପ୍ରସ୍ତାବଗୁଡିକ ସଭାରେ ଉପସ୍ଥାପିତ ହୋଇଥିଲା। ଏମସିସି ବ୍ୟାଙ୍କ ସାଖା ପରିଚାଳକ ଦିଲୀପ କୁମାର ସାହୁ ଓ ଗୋପବନ୍ଧୁନଗର କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଧେକ ଆଗାମୀ ବର୍ଷ ପାଇଁ କୃଷିରଣର ବ୍ୟବସ୍ଥା, ଅଧିକରୁ ଅଧିକ ଚାଷୀଙ୍କୁ କିପରି ରଣ ଯୋଗାଇ ଦିଆଯାଇ ପାରିବ ଏବଂ ଧାନ କିପରି ଅଧିକ ପରିମାଣରେ ସଂଗ୍ରହ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ସମିତିର ଉପସଭାପତି ଶକୁନ୍ତଳା ଖେଜୁରିଆ, ନିର୍ଦ୍ଦେଶକ ସତ୍ୟବାନ ଉପାଧାୟ, ସର୍ବେଶ୍ୱର ବେହେରା, ସମିତିର ସାଖା ପରିଚାଳକ ତାପସ କୁମାର ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

### ଠାକୁରମୁଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ମେଳା

ଠାକୁରମୁଣ୍ଡା,୧୪।୧୧(ଡି.ଏନ.ଏ.): ଠାକୁରମୁଣ୍ଡା ବ୍ଲକ ଦିଗଧର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ବିଇଓ ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ମା' ବାସୁଳୀ ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ପଲେଇ ଯୋଗ ଦେଇଥିଲେ । ମେଳାରେ ପ୍ରାଥମିକ ସ୍ତରରେ ୯୪ଟି ପ୍ରକଳ୍ପ ଓ ମାଧମିକ ସ୍ତରରୁ ୩୨ଟି ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ନାୟକ ଯୋଗ ଦେଇ ବିଜ୍ଞାନ ମେଳାରେ ଅଂଶଗ୍ରହଣକୁ ପ୍ରଶଂସା କରିବା ସହିତ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ଏହା ପ୍ରେରଣା ଦେବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କାଦଡିହା ଡିଗ୍ରୀ କଲେଜ ଅଧକ୍ଷ ଡା. ଭାଗବତ ଲେଙ୍କା ,ସମ୍ମାନିତ ଅତିଥି ଭାବେ ନୂତନ ସରକାରୀ ଉଚ୍ଚବିଦ୍ୟାଳୟର କିଶୋର କୁମାର ମଲ୍ଲିକ,ସିୱାଇଏସଡି ପ୍ରତିନିଧି ସୁବାସ ସାହୁ ଯୋଗ ଦେଇଥିବା ବେଳେ ଆୟୋଜକ ଦିଗଧର ସ୍କୁଲର ପ୍ରଧାନଶିକ୍ଷକ ହରିମୋହନ ବେହେରା ଧନ୍ୟବାଦ ଦେଇଥିଲେ ।

### ଜନସମ୍ପର୍କ ପଦଯାତ୍ରା

ଭଞ୍ଜକିଆ,୧୪।୧୧: ଶୁକ୍ଳି ବ୍ଲକ ବିଜେଡି ସଭାପତି ନରେଶ ଚନ୍ଦ୍ର ଗିରିଙ୍କ ନେତୃତ୍ୱରେ ଖୃଚିଂରେ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା' କିଚକେଶ୍ୱରୀ ମନ୍ଦିର ନିକଟରୁ ବହୁ ବିଜେଡି କର୍ମୀ ଓ ଲୋକେ ପଦଯାତ୍ରାରେ ବାହାରି ବହୁ ଗ୍ରାମ ପରିକ୍ରମା କରିଥିଲେ। ଯଶିପୁର ବିଧାୟକ ମଙ୍ଗଳ ସିଂ ମୁଦି, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଗୋଲକ ବିହାରୀ ନାୟକ, ଜିଲା ଉପସଭାପତି ପତି କାରୁଆ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ରଫାଦଫା କରି ଅଡୁଆରେ ପୋଲିସ

- ନାବାଳିକାଙ୍କୁ ନେତ୍ରୀଙ୍କ ନିର୍ଯାତନା
- ସ୍ୱର ଉଠାଇଲେ ମହିଳା ସାମାଜିକ କର୍ମୀ
- ଡିଜିଙ୍କ ନିକଟକୁ ପଠାଇଲେ ଅଭିଯୋଗପତ୍ର

ବାରିପଦା ଅଫିସ,୧୪।୧୧

ଏକ ରାଜନୈତିକ ଦଳର ପଦପଦବୀରେ ଥିବା ଜଣେ ମହିଳା ଘର କାମରେ ଜଣେ ୧୧ ବର୍ଷର ନାବାଳିକାଙ୍କୁ ନିୟୋଜିତ କରି ନିର୍ଯାତନା ଦେବା ଘଟଣା ପଦାକୁ ଆସିଛି। ଏ ସଂକ୍ରାନ୍ତରେ ବାରିପଦା ଟାଉନ ଥାନାରେ ହୋଇଥିବା ଅଭିଯୋଗକୁ ପୋଲିସ ରଫାଦଫା କରି ଦେଇଥିବାରୁ ବାରିପଦାର କେତେକ ମହିଳା ସାମଜିକକର୍ମୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନେ ବୁଧବାର ଡାକ ଯୋଗେ ଲିଖିତ ଅଭିଯୋଗ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ପଠାଇଛନ୍ତି। ଏହି ଘଟଣା ନେଇ ଅଡୁଆରେ ଛନ୍ଦି ହୋଇପଡିଛି ବାରିପଦା ପୋଲିସ।

ନିର୍ଯାତନାର ଶିକାର ହୋଇଥିବା ନାବାଳିକାଙ୍କ ଘର ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଞ୍ଚଳରେ। ପରିବାରର ସ୍ଥିତି ଭଲ ନ ଥିବାରୁ ତାଙ୍କ ମା' ଝାଡଖଣ୍ଡର ଟାଟାକୁ ଯାଇ କାମଧନ୍ଦା କରୁଥିଲେ। ନାବାଳିକା ତାଙ୍କ ମା'ଙ୍କ ସହ ସେଠାରେ ରହୁଥିଲେ। କିନ୍ତୁ ପାରିବାରିକ ସ୍ଥିତି ଯୋଗୁ ସେ ପାଠ ପଢାରୁ ବଞ୍ଚିତ ହୋଇଥିଲେ। ବାରିପଦା ଅଞ୍ଚଳର ଜଣେ ରାଜନେତାଙ୍କ ସଂସ୍ପର୍ଶରେ ଆସିବା ପରେ ସେ ପାଠ ପଢିବାକୁ ଚାହୁଁଥିବା ଜଣାଇଥିଲେ। ନାବାଳିକା ଜଣକ ମୟୂରଭଞ୍ଜ ଜିଲାର ହୋଇଥିବାରୁ ଏହି ରାଜନେତା ତାଙ୍କ ପଢ଼ିବା ବ୍ୟବସ୍ଥା କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜଣେ ନେତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ନାବାଳିକାଜଣକ ଆସି ନେତ୍ରୀଙ୍କ ଘରେ ରହି ମାସେ କାଳ କାମଧନ୍ଦା କରିଥିଲେ। କିନ୍ତୁ ତାଙ୍କୁ ପାଠ ପଢ଼ାଇବା ଲାଗି କୌଣସି ବ୍ୟବସ୍ଥା ହୋଇ ନ ଥିବା ନାବାଳିକାଜଣକ ଯେମିତି ଘର ବାହାରକୁ ଯାଇ ପାରିବେ ନାହିଁ, ସେଥିଲାଗି ସବୁବେଳେ ଘରେ ତାଲା ପକାଇ ରଖାଯାଉଥିଲା। ଠିକ ଭାବେ କାମ ନ କଲେ ମିଳୁଥିଲା ମାଡ, ଗାଳି। ଗତ ସେପ୍ଟେମ୍ବର ପହିଲାରେ ନାବାଳିକାଜଣକ କୌଶଳ କ୍ରମେ ସେଠାରୁ ଖସିଆସି ଜଣେ ଠେଲା ବ୍ୟବସାୟୀଙ୍କୁ ସବୁ କଥା ଜଣାଇଥିଲେ। ଏହାପରେ ଠେଲା ବ୍ୟବସାୟୀ ତାଙ୍କୁ ବାରିପଦା ଟାଉନ ଥାନାକୁ ନେଇ ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ମହିଳା କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ନାବାଳିକାଙ୍କୁ ପଚରାଉଚରା କରି ପୋଲିସ ତାଙ୍କ ବୟାନ ନେବା ପରେ ସ୍ୱଧାର ଗୃହକୁ ପଠାଇଥିଲା। ସମ୍ପୃକ୍ତ ନେତ୍ରୀଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ କରି ମାମଲାକୁ ରଫାଦଫା କରିଦେଇଥିଲା। ଏଥିଲାଗି ଦଳର ଅନ୍ୟ ନେତୃବୃନ୍ଦ ମଧ ଚାପ ପକାଇଥିଲେ। କିଛି ଦିନ ପରେ ଏହି ନାବାଳିକାଙ୍କୁ ତାଙ୍କ ମା' ଟାଟାରୁ ଆସି ସ୍ୱଧାର ଗୃହରୁ ସାଥୀରେ ନେଇ ଯାଇଥିଲେ। ସ୍ଥାନୀୟ ମହିଳା ସାମଜିକ କର୍ମୀମାନେ ଏ ବିଷୟ ଜାଣିବା ପରେ ନାବାଳିକାଙ୍କୁ ନ୍ୟାୟ ଦେବା ଲାଗି ପୋଲିସ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ ନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଘଟଣା ଅନୁଧାନ କରି ଦେଖିବେ ବୋଲି କହିଛନ୍ତି। ପୂର୍ବରୁ ନାବାଳିକାଙ୍କଠାରୁ ବୟାନ ନେଇଥିବା ମହିଳା ପୋଲିସ କର୍ମଚାରୀ ଅନ୍ୟ ଏକ ବିବାଦରେ ଛନ୍ଦି ହୋଇ ପଡିଥିବାରୁ ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଥିବା ସେ କହିଛନ୍ତି।




ଶିବିରରେ ଉପସ୍ଥିତ ଆୟୋଜକମାନେ।

## ମଧୁମେହ ରୋଗ ଚିହ୍ନଟ ଶିବିର

ବାରିପଦା ଅଫିସ,୧୪।୧୧

ବିଶ୍ୱ ମଧୁମେହ ଦିବସ ପାଳନ ପରିପ୍ରେକ୍ଷୀରେ ଲକ୍ଷ୍ମୀପୋଷି ଜଳସେଚନ ବସତି କ୍ଲବ ଘର ଠାରେ ବାରିପଦା ରୋଟାରୀ କ୍ଲବ ପକ୍ଷରୁ ଏକ ନିଃଶୁଳ୍କ ମଧୁମେହ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଲୋନେଲ ଡ.ଅଶୋକ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ସୈନିକ ସଂଘର ସମ୍ପାଦକ ଅଶୋକ ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରିଆନ ଶ୍ୟାମଳ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅବସରପ୍ରାପ୍ତ ଫାର୍ମାସିଷ୍ଟ କବି ଜୟନ୍ତ କୁମାର ଦ୍ୱାରୀ ପରୀକ୍ଷାରେ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସଭାପତି ମନୋଜ ଦଳବେହେରା ଏବଂ ସମ୍ପାଦକ ନିରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ରୋଟାରିଆନ ବିଭୁ ପ୍ରସାଦ ଦାସ, ରୋଟାରିଆନ ରାମଚନ୍ଦ୍ର ସେଠୀ, କଲ୍ଲୋଳ ମୁଖାର୍ଜୀ, ତିମିର କୁମାର ଘୋଷ ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀପଦ ସାହୁ ସହଯୋଗ କରିଥିଲେ।

## 'ଗୁରୁକୃଷ୍ଣ ଥିଲେ ଶବ୍ଦର ସୌଦାଗର'



ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ତୈଳଚିତ୍ର ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୧୪।୧୧

ମୟୂରଭଞ୍ଜ ମାଟିରେ ଜନ୍ମିତ ଚିରସବୁଜ ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀ ଥିଲେ ଶବ୍ଦର ସୌଦାଗର । ସେ ଆଜି ନାହାନ୍ତି ସତ, ହେଲେ ଓଡିଆ ଗୀତିକବିତା କ୍ଷେତ୍ରରେ ସେ ଯେଉଁ ମାଇଲଷ୍ଟୋନ ସୃଷ୍ଟି କରିଛନ୍ତି ତା ଅତିକ୍ରମ କରିବା ଏ ଯୁଗର ଗୀତି କବିଙ୍କ ପାଇଁ କଷ୍ଟକର। ସେ ଯେଉଁ ଗୀତ ସବୁ ରଚନା କରି ଯାଇଛନ୍ତି ତାହା ଚିରସବୁଜ ହୋଇ ରହିବ ବୋଲି ଆମେ ମୟୂରଭଞ୍ଜିଆ ପକ୍ଷରୁ ଏମ୍‌କେସି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ନୂତନ ଅଡିଟୋରିଅମରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆମେ ମୟୂରଭଞ୍ଜିଆର ଆବାହକ ସଞ୍ଜୟ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆମେ ମୟୂରଭଞ୍ଜିଆର ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ୍ ଡ. ଶ୍ୟାମସୁନ୍ଦର ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅନ୍ୟତମ ଚିର ସବୁଜ ଗୀତିକାର ସଂଗ୍ରାମ କେଶରୀ ମହାନ୍ତି ଓ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଶଶିଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଆମେ ମୟୂରଭଞ୍ଜିଆ ପକ୍ଷରୁ ଡ. ଶ୍ୟାମସୁନ୍ଦର ଦାସଙ୍କ ଦ୍ୱାରା ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଏକ ତୈଳଚିତ୍ର ବିଦ୍ୟାଳୟର ଗୌରବ ଗ୍ୟାଲେରୀରେ ସ୍ଥାନିତ କରିବାକୁ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡାଙ୍କୁ ଅର୍ପଣ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟଯେ, ଚିର ସବୁଜ ଗୀତର ସ୍ରଷ୍ଟା ଗୀତି ପୁରୁଷ ଗୁରୁକୃଷ୍ଣ ଗୋସ୍ୱାମୀ ଏକଦା ଏମକେସି ଉଚ୍ଚବିଦ୍ୟାଳୟର ଛାତ୍ର ଥିଲେ । ଏହି ଅବସରରେ କବି ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଉପରେ ରଚିତ ଏକ ସୁନ୍ଦର କବିତା ଆବୃତ୍ତି କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ. ସରୋଜ ନାଏକ ଏହି ଆଲୋଚନା ଚକ୍ରରେ ଭାଗ ନେଇଥିବା ବେଳେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା ।

## ୨ ଅପମୃତ୍ୟୁ ମାମଲା ରୁଜୁ

ରାଇରଙ୍ଗପୁର, ୧୪।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ରାଇରଙ୍ଗପୁର ଏବଂ ତିରିଂ ସମେତ ୨ ଗୋଟି ଥାନା ଅଞ୍ଚଳରେ ବୁଧବାର ପୋଲିସ ୨ ଗୋଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନୁରୁଦାବଡ଼ା ଗ୍ରାମର ବିଭୂତି ମହାନ୍ତ(୫୫) ମଙ୍ଗଳବାର ସନ୍ଧ୍ୟାରେ ଘରେ ଥିବା ବେଳେ ଅସୁସ୍ଥତା ଅନୁଭବ କରି କିଛି ସମୟ ମଧ୍ୟରେ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ଏହାଦେଖି ସଙ୍ଗେସଙ୍ଗେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତିରିଂ ଥାନା ଭାଲୁଗୋଡ଼ା ଗ୍ରାମର ଶୁକୁରମଣୀ ନାଏକ ନାମ୍ନୀ ଯୁବତୀ ମଙ୍ଗଳବାର ରାତିରେ ଘରେ ବିଷ ପିଇ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ଏହା ଜାଣିପାରି ତାଙ୍କୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉଭୟ ଘଟଣାରେ ପୋଲିସ ୨ଜଣଙ୍କ ଶବ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଚେସ୍ ଚାମ୍ପିୟନଶିପର କୃତୀ ପ୍ରତିଯୋଗୀ ଓ ଅତିଥିବୃନ୍ଦ।

## ଆନ୍ତଃ ମହାବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

ବାରିପଦା ଅଫିସ,୧୪।୧୧

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଚେସ୍ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ମହିଳା ବିଭାଗ ରନର୍ସଅପ୍ ହୋଇଥିବା ବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି । ସେହିପରି ପୁରୁଷ ବିଭାଗରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଚାମ୍ପିୟନ ହୋଇଥିବା ବେଳେ ବାରିପଦା ମହାବିଦ୍ୟାଳୟ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁଗ୍ମ ରନର୍ସଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ଅକ୍ଷୟ କୁମାର ବସ୍ତିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ପି.ଜି. କାଉନସିଲ ଚେୟାରପର୍ସନ ଡ. ସୁସ୍ମିତା କର ସଭାପତିତ୍ୱ କରିଥିଲେ । ବିଶ୍ୱବିଦ୍ୟାଳୟ ଅର୍ଗାନାଇଜିଂ ସେକ୍ରେଟାରି ତଥା ବରିଷ୍ଠ ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର, ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ କରିବା ସହିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଦୀପ ନାୟକ, ଏମବିଏ ବିଭାଗର ଅଧ୍ୟାପକ ଡ. ସ୍ମୃତିରଞ୍ଜନ ଦାସ, ଏମସିଏଏମ ଅଧ୍ୟାପକ ଗଣେଶ ଚନ୍ଦ୍ର ପରିଡା, ଅମିର ମଲ୍ଲିକ, ବାରିପଦା କଲେଜର ଖେଳ ଶିକ୍ଷକ ତାପସ କୁମାର ସାମଲ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳଶିକ୍ଷକ ସତ୍ୟନାରାୟଣ ବାରିକ ଉପସ୍ଥିତ ରହି ଖେଳ ପରିଳନାରେ ସାହାଯ୍ୟ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବସନ୍ତ କୁମାର ସାହୁ, ଚିଫ୍ ଆରବିଟ୍ରେଟର ଭାବେ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାଶ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ନିଷ୍ଠା, ଶ୍ରଦ୍ଧାର ପୂଜା ଛଟ୍ ଉଦ୍‌ଯାପିତ

ବହଳଦା,୧୪।୧୧(ଡି.ଏନ.ଏ.)

ଭକ୍ତି ଆଉ ନିଷ୍ଠାର ମହାନ ପର୍ବ ଛଟ୍ ପୂଜା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ବହଳଦା ନିକଟ ଖଡଖାଇ ନଦୀକୂଳରେ ବଡିଭୋରୁ ଶହଶହ ମହିଳା ପୁରୁଷ ଉପସ୍ଥିତ ହୋଇ ଉଦିତ ସୂର୍ଯ୍ୟଙ୍କୁ କ୍ଷୀର ଓ ଜଳର ଅର୍ଘ୍ୟ ଅର୍ପଣ କରିଥିଲେ। ମହିଳାମାନେ ସେମାନଙ୍କ ବୋହୂ ଓ ବିବାହିତା ଝିଅଙ୍କୁ ସିନ୍ଦୂର ପିନ୍ଧାଇ ଆଶୀର୍ବାଦ କରିଥିଲେ ଓ ଭୋଗ ବାଣ୍ଟିଥିଲେ । ଏହା ସହିତ ବ୍ରତୀମାନେ ୪ଦିନ ଧରି ନିଷ୍ଠାର ସହ କରିଥିବା ସୂର୍ଯ୍ୟ ଓ ଛଠି ମା'ଙ୍କ ପୂଜା ଓ ୩୬ ଘଣ୍ଟାର ନିର୍ଜଳା ଉପବାସ ଶେଷ ହୋଇଛି। ଛଟ୍ ପୂଜା ସାଧାରଣତଃ ବିହାରୀମାନଙ୍କର ସବୁଠାରୁ ବଡପର୍ବ । ତେବେ ବହଳଦାରେ ମାରୱାଡି ଓ ଓଡିଆ ମଧ ଏହି ପୂଜା ପାଳନ କରୁଥିବା ଦେଖାଯାଉଛି । ପ୍ରଥମ ଦିନ ନହୟାଖାୟ,୨ୟ ଦିନ ଖରନା ପରେ ଉପବାସ କରାଯାଏ । ନୂଆ ମାଟିରେ ତିଆରି ଚୁଲିରେ ଖାଦ୍ୟ ପ୍ରସ୍ତୁତ କରାଯାଏ । ନୂଆବାଉଁଶ ଟୋକେଇରେ ବିଭିନ୍ନ ପ୍ରକାର ଫଳମୂଳ, ଆଖୁ ଇତ୍ୟାଦି ଧରି ନିକଟସ୍ଥ ନଦୀ କିମ୍ବା ଜଳାଶୟ ନିକଟରେ ପୂଜା କରାଯାଏ । ଅଟା ଓ ଗୁଡରେ ତିଆରି ଠେକୁଆ ପିଠା ପୂଜାର ବିଶେଷ ଭୋଗ । ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କୁ ପୂଜା ପରେ ଅର୍ଘ୍ୟ ଅର୍ପଣ ସହ ପୂଜା ଉଦ୍‌ଯାପିତ ହୁଏ ।



ଶ୍ରଦ୍ଧାଳୁମାନେ ଖଡଖାଇ ନଦୀକୂଳରେ ସୂର୍ଯ୍ୟଙ୍କ ଉପାସନା କରୁଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଲାଗି ଗଡ଼ିଲା ରଥ

ବାରିପଦା ଅଫିସ,୧୪।୧୧

ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ଅବସରରେ ବୁଧବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ବିନିତ ଭରଦ୍ୱାଜ ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନ ଭ୍ରମଣ କରି ପୋଷ୍ୟସନ୍ତାନ ସମ୍ପର୍କିତ ବାର୍ତ୍ତା ପହଞ୍ଚାଇବ। ରଥ ଭ୍ରମଣ ସମୟରେ ଜିଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମମାନ କରାଯିବ। ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ପାଳନ କରାଯିବ। ଏହି ଅବସରରେ ଜିଲାରେ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ତଥା ଶିଶୁ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସୂଚନା ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମମାଳା ମିଶ୍ର, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା କୃଷ୍ଣକଳ୍ପନା ମହାନ୍ତି, ସଦସ୍ୟ ଜୀବନକୃଷ୍ଣ ବେହେରା, ଜିଲା ମ୍ୟାଲେରିଆ ଅଧିକାର ଶରତ ଚନ୍ଦ୍ର ଦାସ, ଆରଡିଏସି ସମ୍ପାଦକ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ରଥକୁ ଜିଲାପାଳ ବିନିତ ଭରଦ୍ୱାଜ ଶୁଭାରମ୍ଭ କରୁଛନ୍ତି।

# ବାଲି ପରିବହନକୁ କେନ୍ଦ୍ରକରି ଗଣ୍ଡଗୋଳ

- ଲିଜ୍‌ଧାରୀ-ଗ୍ରାମବାସୀ ମୁହାଁମୁହିଁ
- ବ୍ୟକ୍ତିଗତ ଜମିରେ ଗାଡ଼ି ଯାଉଥିବାରୁ ଗଣ୍ଡଗୋଳ
- ୬ ଗିରଫ, ୧୦ରୁ ଉର୍ଦ୍ଧ୍ୱ ଫେରାର

ବଡ଼ସାହି,୧୪।୧୧(ସ୍ୱ.ପ୍ର.)

ବଡ଼ସାହି ତହସିଲ ଅଧୀନ ବୁଢାବଳଙ୍ଗ ନଦୀ ମହୁପୁରା ସୈରାତରୁ ବାଲି ଉତ୍ତୋଳନକୁ ନେଇ ବୁଧବାର ଲିଜଧାରୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ୨ଟି ମାମଲା ରୁଜୁ ହୋଇଛି। ପୋଲିସ ଲିଜଧାରୀଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା (ନଂ ୧୭୨/୧୮) ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି । ଅପରପକ୍ଷେ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୦ରୁ ଉର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା (ନଂ ୧୭୪/୧୮) ରୁଜୁ କରିଛି। ହେଲେ ଏଥିରେ କାହାକୁ ଗିରଫ କରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ମହୁପୁରା ବାଲି ସୈରାତ ନିଲାମ ଦିଆଯିବା ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ରାସ୍ତା ଭାରି ଯାନବାହନ ଚଳାଚଳ ପାଇଁ ପ୍ରଶସ୍ତ ନ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଫଳରେ ଗ୍ରାମବାସୀଙ୍କ ନିଜସ୍ୱ ଜମିରେ ଗାଡି ଚଳପ୍ରଚଳ କରୁଥିବାରୁ ସବୁବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଥିଲା । ମାତ୍ର କୌଣସି କାରଣକୁ ନେଇ ଜମିର ସ୍ୱତ୍ୱାଧିକାରୀ ଗାଡି ଚଳାଚଳ ବନ୍ଦ କରିବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଥିବା ଜଣାଯାଇଛି । ମଙ୍ଗଳବାର ମହୁପୁରା ସୈରାତରୁ ବାଲି ଉତ୍ତୋଳନ କରି ଗାଡି ଫେରୁଥିବା ବେଳେ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ କେତେଜଣ ଗ୍ରାମବାସୀ କହିଥିଲେ । ଲିଜଧାରୀଙ୍କ ସହକର୍ମୀ ସୁଶାନ୍ତ ବଳାଙ୍କ ଅଭିଯୋଗ କ୍ରମେ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା । ଉତ୍ୟକ୍ତ ଗ୍ରାମବାସୀ ଲିଜଧାରୀଙ୍କ ଅଫିସରେ ପଶି ମ୍ୟାନେଜର ରତିକାନ୍ତ ମହାନ୍ତ ଓ ସୁଶାନ୍ତ ବଳାଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ । ସେମାନେ ଅଫିସରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିବା ସହ ସାଢେ ୧୦ହଜାର ଟଙ୍କା ନେଇଯାଇଥିଲେ। ଏହାକୁ ନେଇ ବଡ଼ସାହି ଥାନରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ଅଭିଯୁକ୍ତ ଭାସ୍କର ମାହାଲି, ମନୋରଞ୍ଜନ ମହାଳିକ, ଶୁକୁରା ମହାନ୍ତ, ଠୁମ୍ପା ମହାଳିକ, ଦିଲୀପ ମହାନ୍ତ ଓ ଗମ୍ଭୀରା ମହାନ୍ତ ।

ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ଅପରାହ୍ନରେ ଗ୍ରାମର ମନୋରଞ୍ଜନ ମହାଳିକ ଓ ଦିଲୀପ ମହାନ୍ତ ଏକ ବାଇକ୍‌ରେ ଥାନାକୁ ଆସୁଥିଲେ। ଉକ୍ତ ସମୟରେ ମାଣତ୍ରୀ-ବଡ଼ସାହି ରାସ୍ତା ମୈତ୍ରାପୁର ଜଙ୍ଗଲ ନିକଟରେ ଏକ ବୋଲେରୋ ଗାଡି ଓ ୩ଟି ବାଇକ୍‌ରେ ଆସିଥିବା କେତେକ ଯୁବକ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଅଟକାଇ ଥିଲେ । ବାଲି ରାସ୍ତାକୁ ବନ୍ଦ ନ କରିବା ପାଇଁ କହି ସେମାନେ ଦୁଇଜଣଙ୍କୁ ମାଡ ମାରିବା ସହ ୩ଟି ମୋବାଇଲ ଓ ୮ହଜାର ଟଙ୍କା ନେଇଯାଇଥିଲେ । ଏହାକୁ ନେଇ ମନୋରଞ୍ଜନ ମହାଳିକଙ୍କ ଅଭିଯୋଗକୁ ଭିତ୍ତି କରି ଅନ୍ୟ ଏକ ମାମଲା (ନଂ ୧୭୪/୧୮) ରୁଜୁ ହୋଇଛି । ତେବେ ପ୍ରତିବର୍ଷ ଏହି ସୈରାତରୁ ବାଲି ଉତ୍ତୋଳନ କରିବା ସମୟରେ ଏଭଳି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେଉଥିବା ନଜୀର ରହିଛି। ବିଭାଗ ପକ୍ଷରୁ ଦିଆଯାଇଥିବା ରାସ୍ତାର ଜବରଦଖଲ ଉଚ୍ଛେଦ କଲେ ସୈରାତରୁ ବାଲି ଉତ୍ତୋଳନ ସମ୍ଭବ ହେବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ନଭେମ୍ବର ୧୫/୨୦୧୮ Balasore, Thursday, November 15 / 2018

## ସଂକ୍ଷେପରେ

### ୨୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଜଳେଶ୍ୱର,୧୪।୧୧(ଡି.ଏନ୍.ଏ.)**-ବାଲେଶ୍ୱର ଜିଲା ଜଳେଶ୍ୱର ସହର ୩ ନମ୍ବର ୱାର୍ଡ଼ ସେଖବାର୍ଡ ଗ୍ରାମରୁ ରାଜ୍ୟ ଅବକାରୀ ବିଭାଗ ଅଧୀନ କଟକ ସ୍ଥିତ ଗୁଇନ୍ଦା ୱିଙ୍ଗସ୍‌ର ଏକ ଟିମ୍ ସ୍ଥାନୀୟ ପୋଲିସର ସହାୟତାରେ ଅତର୍କିତ ଭାବେ ଚଢ଼ାଉକରି ୨୦ ଲକ୍ଷ ଟଙ୍କା ମୂଲ୍ୟର ୨୦୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ୍ କରିଛି। ଏହାସହିତ ଏହି ଟିମ୍ ବ୍ରାଉନ୍‌ସୁଗାର ବେପାରୀ ତଥା ଉକ୍ତ ଗ୍ରାମର ବାସିନ୍ଦା ସେକ୍ ସମତୁଲ୍ଲା ଓରଫ୍ କାଲାକୁ ଗିରଫ୍ କରିଛି। ଗିରଫ୍ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ପୋଲିସ ପିଆର୍‌ରେ ଏକ ମାମଲା (ନଂ.୧୩୯/୨୦୧୮-୧୯) ରୁଜୁ କରିଛି। ଗୁଇନ୍ଦା ୱିଙ୍ଗସ୍ ଟିମ୍‌ର ନେତୃତ୍ୱ ଅବକାରୀ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ନେଇଥିବା ବେଳେ ତାଙ୍କସହିତ ଏସଆଇ ଗାଲୁରାମ ସୋରେନ, କନ୍‌ଷ୍ଟେବଲ କିଶୋର ରାଉତ, ପୁର୍ଣ୍ଣଜିତ ମହାପାତ୍ର, ବସନ୍ତ ମଲ୍ଲିକ, ଆଲୋକ ଖଟୁଆ, ରାଜେଶ କିସାନ, ଥବିର ପଟ୍ଟନାୟକ ପ୍ରମୁଖ ଉକ୍ତ ଚଢ଼ାଉ ଟିମ୍‌ରେ ସାମିଲଥିଲେ।

### ଭିଜିଲାନ୍ସ ଜାଲରେ ଜୁନିୟର ଏମ୍‌ଭିଆଇ



**ଭଦ୍ରକ ଅଫିସ,୧୪।୧୧**-ଆୟ ବହିର୍ଭୁତ ସମ୍ପତ୍ତି ଅଭିଯୋଗରେ ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଜୁନିୟର ଏମ୍‌ଭିଆଇ ଶଙ୍କର ନାରାୟଣ ଚୌଧୁରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କଟକରୁ ଆସିଥିବା ଏକ ଭିଜିଲାନ୍ସ ଟିମ୍ ଭଦ୍ରକ ଚରମ୍ପା ଅଞ୍ଚଳରେ ଥିବା ତାଙ୍କ ଭଡ଼ାଘର, ଭଦ୍ରକ ଅଫିସ ସମେତ ୬ଟି ସ୍ଥାନରେ ଚଢ଼ାଉ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ମିଳିପାରି ନାହିଁ।

# ୨ ମଦ ବେପାରୀଙ୍କୁ ଛଡାଇ ନେଲେ

- ଅବକାରୀ ଟିମ୍ ଉପରେ ଆକ୍ରମଣ
- ଭ୍ୟାନ ଭଙ୍ଗାରୁଜା, ୩ କନଷ୍ଟେବଲ ଆହତ
- ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଅସାମାଜିକ ଯୁବକ ସାମିଲ
- ଥାନାରେ ମାମଲା ରୁଜୁ, ତନାଘନା ଜାରି

**ରୂପ୍‌ସା,୧୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଗ୍ରାମ ନିକଟରେ ଅବକାରୀ କର୍ମଚାରୀଙ୍କ ଉପରେ କେତେକ ଅସାମାଜିକ ଯୁବକ ଆକ୍ରମଣ କରି ଗାଡି ଭଙ୍ଗାରୁଜା କରିଛନ୍ତି। ଅବକାରୀ ଟିମ୍ ଚଢାଉ କରି ଧରିଥିବା ୨ ଚୋରା ମଦ ବେପାରୀଙ୍କୁ ସେମାନେ ଛଡାଇ ନେଇ ଯାଇଛନ୍ତି। ଏହି ଆକ୍ରମଣରେ ଶଶିକାନ୍ତ ସାହୁ, ମଙ୍ଗଳ ସିଂ ଓ ମିନତି ପରିଡ଼ା ନାମକ ୩ କନଷ୍ଟେବଳ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣ ଘଟଣା ସମ୍ପର୍କରେ ବସ୍ତା ଉପନିରୀକ୍ଷକ ଅର୍ଜୁନ କୁମାର ମଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ସୁଚନ୍ଦ୍ର ମହାଲିକ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପୋଲିସ ସୂଚନା ଅନୁଯାୟୀ ବସ୍ତା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ଭୋର ସମୟରେ ରୂପ୍‌ସା ଅଞ୍ଚଳକୁ ଯାଇ ଚଢ଼ାଉ କରିଥିଲା। ବରହମପୁର ଗ୍ରାମରେ ମଦ ବେପାର କରୁଥିବା ପ୍ରତାପ ବେହେରା ଓ ମିରିଗିମୁଣ୍ଡି ଗ୍ରାମର ମହିଳା ସୁଲୋଚନା ବେହେରାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୩୨ ଲିଟର ଚୋରା ମହୁଲି ମଦ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଭ୍ୟାନ୍‌ରେ ବସାଇ ଫେରୁଥିବାବେଳେ ମିରିଗିମୁଣ୍ଡି ଗାଁରେ ୧୫ରୁ ଊର୍ଦ୍ଧ୍ୱ ଅସାମାଜିକ ଯୁବକ ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ସେମାନେ ଭ୍ୟାନ ଭଙ୍ଗାରୁଜା କରି କାଗଜପତ୍ର ସହ ୨ ଅଭିଯୁକ୍ତଙ୍କୁ ପୋଲିସ ପାଖରୁ ଛଡ଼ାଇ ନେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ପୋଲିସ ନେଇ ତନାଘନା ଚଳାଇ ଅଭିଯୁକ୍ତଙ୍କୁ ଧରିବା ଉଦ୍ୟମ ଜାରି ରଖିଛି।

# ବସ୍‌କୁ ଧକ୍କା ଦେଲା ଟ୍ରକ୍: ୨୫ରୁ ଊର୍ଦ୍ଧ୍ୱ ଆହତ

**ବାସୁଦେବପୁର/ ପଦ୍ମପୁର,୧୪।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର କୁଆଁମରାଠାରେ ବୁଧବାର ସକାଳେ ଏକ ବସ୍‌କୁ ଟ୍ରକ ଧକ୍କା ଦେବାରୁ ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଅଛନ୍ତି। ଆହତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଗୁରୁତରଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ତହସିଲଦାର ପ୍ରକାଶ ରାଉଳ ସକାଳେ ବାସୁଦେବପୁର ଡାକ୍ତରଖାନରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ବୁଧବାର ସକାଳେ 'ଜୁଗୁନୁ' ନାମକ ଯାତ୍ରୀବାହୀ ବସ୍ ଧାମରାରୁ ବାସୁଦେବପୁର ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ଧାମରାକୁ ଆସୁଥିବା ଟ୍ରକ କୁଆଁମରାଠାରେ ବସ୍‌କୁ ଧକ୍କା ଦେଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଆହତଙ୍କ ମଧ୍ୟରେ ଟ୍ରକ ଡ୍ରାଇଭର ଓ ହେଲ୍‌ପର ମଧ୍ୟ ଅଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରକ ନୟନଯୋରିକୁ ଓଲଟି ପଡ଼ିଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଢାବା, ହୋଟେଲରେ ଚଢ଼ାଉ

**ଆନନ୍ଦପୁର, ୧୪।୧୧(ସ୍ୱ.ପ୍ର.):** ଆନନ୍ଦପୁର ପୌରପରିଷଦରେ ଥିବା ବିଭିନ୍ନ ହୋଟେଲ ଓ ଢାବାଗୁଡିକରେ ବୁଧବାର ଅଚାନକ ଫୁଡ୍ ଇନ୍ସପେକ୍ଟର ଚଢାଉ କରିଥିଲେ। ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତପନ କୁମାର ନାୟକ ଓ ଫୁଡ୍ ଇନ୍ସପେକ୍ଟର୍ ରାଜେନ୍ଦ୍ର କୁମାର ଦାଶ ସ୍ଥାନୀୟ ପୋଲିସ ଓ ପୌର କର୍ମଚାରୀଙ୍କ ସହାୟତାରେ ଚଢାଉ ହୋଇଥିଲା। ପୌରପରିଷଦରେ ଥିବା ୧୦ ହୋଟେଲ ଓ ଢାବାରେ ଚଢାଉ କରାଯାଇଥିଲା। ବାସୀ ଓ ନିମ୍ନମାନର ଖାଦ୍ୟ ବ୍ୟବହାର କରୁଥିବା ଅଭିଯୋଗରେ କେତେକ ଢାବା ଓ ହୋଟେଲ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଠିକ୍ ଭାବେ ଖାଦ୍ୟ ତିଆରି କରା ନ ଗଲେ ହୋଟେଲ ଓ ଢାବାଗୁଡିକୁ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଶିଶୁଙ୍କୁ ନେଇ ସଚେତନତା

**ବଡ଼ବିଲ, ୧୪।୧୧(ସ୍ୱ.ପ୍ର.):** ବଡ଼ବିଲରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଶିଶୁଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କୁ ବନ୍ଦାପନା କରାଯାଇଥିଲା। ଶିଶୁ ଦିବସରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ କେତେକ ଶିକ୍ଷୟିତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ୱାର୍ଡ ନଂ-୪ ଉ.ପ୍ରା. ବିଦ୍ୟାଳୟରେ ସମିତି ଅଧକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଆଲୋକ ପଣ୍ଡାଙ୍କ ଅଧକ୍ଷତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ପଣ୍ଡା ଶିଶୁଙ୍କ ନିମନ୍ତେ ଆମ ସମ୍ବିଧାନରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଅବଗତ କରାଇଥିଲେ। ଶିଶୁଙ୍କ ମାନସିକ ବିକାଶ କିଭଳି ହୋଇପାରିବ ସେ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କହିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଦାସ, ରେଖାରାଣୀ ପଣ୍ଡା, ବିଷ୍ଣୁପ୍ରିୟା ମିଶ୍ର ଓ ଶିକ୍ଷକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସମିତି କର୍ମଚାରୀ ମାନସ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁଙ୍କୁ ବନ୍ଦାପନା କରାଯାଇଥିଲା। ସେଣ୍ଟମେରୀଜ ସ୍କୁଲରେ ଶିକ୍ଷୟିତ୍ରୀମାନେ ଶିଶୁଙ୍କ ମନୋରଞ୍ଜନ ନିମନ୍ତେ ନୃତ୍ୟ ପରିବେଷଣ କରିଥିଲେ।

### ରାଇସୁଆଁରେ ଭାଜପାର ମିଶ୍ରଣ ପର୍ବ

**ରାଇସୁଆଁ, ୧୪।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁଠାରେ ବୁଧବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମୋହନ ଚରଣ ମାଝି, ଜିଲା ସଭାପତି ରାଧାକାନ୍ତ ମହାନ୍ତ, ସୁବ୍ରତ ମହାନ୍ତି, ରାଇସୁଆଁ ମଣ୍ଡଳ ସଭାପତି ଧନୁର୍ଯ୍ୟୟ ମହାନ୍ତ ପ୍ରମୁଖ ଉପସ୍ଥିତ ରହିବା ସହ ସ୍ଥାନୀୟ ଅଞ୍ଚଳର ବହୁ ଯୁବକଙ୍କୁ ଦଳରେ ସାମିଲ କରାଯାଇଥିବା ସୂଚନା ମିଳିଛି।

# ସମବାୟ ସପ୍ତାହରେ ଗଣଦୌଡ଼

**ଆନନ୍ଦପୁର, ୧୪।୧୧(ସ୍ୱ.ପ୍ର.)**

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଆନନ୍ଦପୁର ଶାଖା ସୌଜନ୍ୟରୁ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଗଣଦୌଡ଼ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଣଦୌଡ ଆନନ୍ଦପୁର କଲେଜ ପରିସରରୁ ବାହାରି ମାଳିସାହିଠାରେ ଥିବା ସମବାୟ ବ୍ୟାଙ୍କ ପରିସରରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫେସର ରମାକାନ୍ତ ନାୟକ ଯୋଗ ଦେଇଥିଲେ। ସମବାୟ ବ୍ୟାଙ୍କ ଆନନ୍ଦପୁର ଶାଖାର ପରିଚାଳକ ରବି ନାରାୟଣ ପଟ୍ଟନାୟକଙ୍କ ସଂଯୋଜନାରେ ସମବାୟ ସମିତିର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଆନନ୍ଦପୁର ମହାବିଦ୍ୟାଳୟ, ବିଏନ ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ଓ ବ୍ରଜବନ୍ଧୁ ବିଦ୍ୟାପୀଠର ଛାତ୍ର ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ କ୍ୟାପଟେନ୍ ଡ. ଦିଲ୍ଲିପ କୁମାର ଦାଶ, ଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଗଣ ଦୌଡକୁ ପରିଚାଳନା କରିଥିଲେ। ଆନନ୍ଦପୁର ଥାନା ଅଧିକାରୀ ସୁଦର୍ଶନ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଘସିପୁରା ବ୍ୟାଙ୍କ ଶାଖା ପରିଚାଳକ ନିରଞ୍ଜନ ମଲ୍ଲିକଙ୍କ ସମେତ ଆନନ୍ଦପୁର ଶାଖାର ଜିତେଶ୍ ନାୟକ, ରଶ୍ମୀ ରଞ୍ଜନ ମିଶ୍ର, ଏଫଏଲସି ଭବତୋଷ ଓଝା, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆଲୋକ ବଳ, ଦିବାକର ଖଟୁଆ, ଦୟାନିଧି ଦାସ, ସୁରେଶ ରଣା, ମନୋଜ ଗୁଇଁ, ସୀତାକାନ୍ତ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ।



ଗଣଦୌଡରେ ସାମିଲ ହୋଇଥିବା ଛାତ୍ର ଓ ବ୍ୟାଙ୍କ କର୍ମଚାରୀ।

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆ ସ୍ଥିତ କେନ୍ଦୁଝର କୋପରେଟିଭ ବ୍ୟାଙ୍କ ପକ୍ଷରୁ ସମବାୟ ସପ୍ତାହ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଙ୍କୁ ନେଇ ଗଣଦୌଡ଼ ହୋଇଥିଲା। ଗଣଦୌଡ଼ ଚମ୍ପୁଆ ନେହେରୁ ଷ୍ଟାଡିୟମଠାରୁ ଆରମ୍ଭ ହୋଇ ଲ୍ୟାମ୍ପ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଗଣଦୌଡକୁ ଏଆରସିଏସ ସୋରଜିନୀ ଜେନା, ଏସଏଆରସିଏସ ନିହାର ରଞ୍ଜନ ମିଶ୍ର, ବ୍ୟାଙ୍କ ମ୍ୟାନେଜର ନଳିନୀକାନ୍ତ ପଟ୍ଟନାଏକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଲଳିତ କୁମାର ସିଂ,ଏମଡି ବିଭୂତି ଭୂଷଣ ଗିରି, ନଥିନ ଚନ୍ଦ୍ର କର, ଜୋଗେନ୍ଦ୍ର ପ୍ରଧାନ, ଜୟନ୍ତ ନାୟକ, ନକୁଳ ମହାନ୍ତ, ମାନସ ସାହୁ, ଶୁରେଶ ଚନ୍ଦ୍ର ପେଡ଼ା, ମକରଧ୍ୱଜ ମହାନ୍ତ, ମଳୟ ରଞ୍ଜନ ଧଡା, ସୁଦୀପ୍ତ ସାହୁ, ଅଖିଳ ବାରିକ, ପରେଶ ଚନ୍ଦ୍ର ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ।

**ପାଟଣା, (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ସମବାୟ ସମିତି ପକ୍ଷରୁ ବୁଧବାର ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକ ଉଦ୍‌ଘାଟନ କରିଥିଲେ। ଗଣଦୌଡ଼ ମଙ୍ଗଳପୁର ଛକଠାରୁ ଆରମ୍ଭ ହୋଇ ପାଟଣା ସମବାୟ ସମିତି କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର ଗଣଦୌଡ଼ରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଲ୍ୟାମ୍ପ ଡାଇରେକ୍ଟର ଅଜିତ କୁମାର ସେଠୀ, ଘଟଗାଁ କେନ୍ଦ୍ର ସମବାୟ ସମିତି ପରିଚାଳକ ନିରଞ୍ଜନ ଦାଶ, କେନ୍ଦୁଝର କେନ୍ଦ୍ର ସମବାୟ ସମିତି ସୁପ୍ରଭାଇଜର ଦୀନବନ୍ଧୁ ମିଶ୍ର ଓ ପାଟଣା ସମବାୟ ସମିତି ପରିଚାଳକ ବିରବର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଗଣଦୌଡ଼କୁ କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର ସାହୁ, ଲକ୍ଷ୍ମୀଧର ମହାନ୍ତ, ତରୁଣ ବେଜ, ପାର୍ଥ ସାରଥୀ ବେଜ, ପ୍ରମୋଦ କୁମାର ଭଞ୍ଜ, ହରମୋହନ ମହାନ୍ତ ଓ ଦେବସ୍ମିତ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

କେନ୍ଦୁଝର କାଳୀପୂଜା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସମ୍ବଲପୁରୀ ଅର୍କେଷ୍ଟ୍ରା ରଙ୍ଗଫରୁଆର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଛନ୍ତି। ଚତୁର୍ଥ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଜଡିପଦାର ବିଶ୍ୱଦେବ ଶିଳ୍ପୀ କଣ୍ଢେଇ ନୃତ୍ୟ ଅନୁଷ୍ଠାନର ହରିଶ ଚନ୍ଦ୍ର ଓରାମ ଓ ସାଥିଙ୍କ ଦ୍ୱାରା କଣ୍ଢେଇ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁରୀ ଅର୍କେଷ୍ଟ୍ରା ରଙ୍ଗଫରୁଆ ପକ୍ଷରୁ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଉଭୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ।


କଳାକାରମାନଙ୍କ ନୃତ୍ୟ ପରିବେଷଣ।

ଚତୁର୍ଥ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗଫରୁଆର ନିର୍ଦ୍ଦେଶକ ଦୁର୍ଗା ଦାସ ଏବଂ କଣ୍ଢେଇ ନୃତ୍ୟଗୁରୁ ହରିଶ ଚନ୍ଦ୍ର ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ମୁଦୁଲି ସଂଯୋଜନା କରିଥିବା ବେଳେ କେନ୍ଦୁଝର ଜିଲା କଳାକାର ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ, ସହସମ୍ପାଦିକା ଶୁଭଶ୍ରୀ ପଟ୍ଟନାୟକ,ସଦସ୍ୟା ଦୀପ୍ତିମୟୀ ପତି ଓ ଶିଳ୍ପା ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜନୀତି ଚର୍ଚ୍ଚା...

# ନିର୍ବାଚନ ପୂର୍ବରୁ ଘନଉଛି ବିବାଦ

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

ନିର୍ବାଚନ ପୂର୍ବରୁ କେନ୍ଦୁଝର ଜିଲାରେ ରାଜନୀତି ବିବାଦ ଘନେଇବାରେ ଲାଗିଛି। ଏ ନେଇ ଛକାପଞ୍ଝା ଲାଗିରହିଛି। କେନ୍ଦୁଝରରେ ରାଜନୀତି ବାତାବରଣ ସରଗରମ ହୋଇଥିବା ସବୁଠି ଚର୍ଚ୍ଚା ଚାଲିଛି। ଆନନ୍ଦପୁର ଉପଖଣ୍ଡରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ଗତ କିଛିଦିନ ଧରି ଆନନ୍ଦପୁର ଉପଖଣ୍ଡ ବିଶେଷ କରି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ନିର୍ବାଚନ ମଣ୍ଡଳୀରେ ଘଟୁଥିବା ପ୍ରାକ୍ ନିର୍ବାଚନୀ ବିବାଦରୁ ସ୍ପଷ୍ଟ ଜଣାପଡୁଛି। ମନ୍ତ୍ରୀ ବଦ୍ରିଙ୍କ ପତିଆରା ଉପରେ ଚମ୍ପୁଆ ସ୍ୱାଧୀନ ବିଧାୟକ ସନାତନ ମହାକୁଡଙ୍କ ପତିଆରା ଭାରି ପଡୁଥିବା ସାଧାରଣରେ ଆଲୋଚନା ହେଉଛି। ବଦ୍ରିବାବୁ ଓ ସନାତନଙ୍କ ସମର୍ଥକଙ୍କ ମଧ୍ୟରେ ଚାଲିଥିବା ମାରପିଟ ଓ ବାକ ବିତର୍କ, ମନ୍ତ୍ରୀ ବଦ୍ରିଙ୍କ ଗାଡିକୁ ପଥର ମାଡ଼ ଏବଂ ପୋଲିସକୁ ଆକ୍ରମଣ କରି ଅଭିଯୁକ୍ତଙ୍କୁ ଛଡାଇ ନେବା ଆଦି ଘଟଣା ଉକ୍ତ ଅଞ୍ଚଳର ରାଜନୀତି ପାଣିପାଗରେ ଚହଳ ସୃଷ୍ଟି ହୋଇଛି। ଦୀର୍ଘ ବର୍ଷଧରି ଚୁପ ହୋଇ ବସିଥିବା ପୋଲିସ ବିଭାଗ ହଠାତ କ୍ରିୟାଶୀଳ ହୋଇ ମନ୍ତ୍ରୀଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ଗିରଫ କରିବା ଘଟଣା ରାଜନୀତିକୁ ଅଧିକ ସରଗରମ କରିଛି। ଆନନ୍ଦପୁର ଉପଖଣ୍ଡ ସମେତ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବୟାନ, ଭାଜପା ପକ୍ଷରୁ ବିଭିନ୍ନ ଦାବି ଓ ଆନ୍ଦୋଳନ ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିଛି। ସ୍ୱଚ୍ଛ ଶାସନ ବ୍ୟବସ୍ଥାକୁ ବିଶ୍ୱାସ କରୁଥିବା ବିଜେଡି ସ୍ୱଚ୍ଛତା ଅବଲମ୍ବନ କରିବାକୁ ମନ୍ତ୍ରୀଙ୍କ ପୁଅଙ୍କୁ ଗିରଫ କରିବା ଭଳି ପଦକ୍ଷେପ ନେଇଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ମନ୍ତ୍ରୀଙ୍କ ଗାଡି ଉପର ହୋଇଥିବା ଆକ୍ରମଣକୁ ପୋଲିସ ଯେତେ ଗୁରୁତ୍ୱ ଦେଇ ନ ଥିଲା ତା'ଠାରୁ ଅଧିକ ଗୁରୁତ୍ୱ ପୋଲିସ ଉପରେ ଆକ୍ରମଣ ଘଟଣାକୁ ଦେଇଛି। ପୋଲିସ ନିଜର ଛବି ସଜାଡିବା ଉଦ୍ୟମକୁ ନେଇ ସବୁଠି ଆଲୋଚନା ଚାଲିଛି।

ଅନ୍ୟପକ୍ଷରେ ଦୀର୍ଘବର୍ଷ ହେଲା ଚମ୍ପୁଆ ବିଧାୟକଙ୍କ ବିରୋଧରେ ମୁହଁ ଖୋଲୁ ନ ଥିବା ବିଜେଡି ଜିଲା ସଙ୍ଗଠକ ଓ ବିଧାୟକ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଫେରାଦ ହୋଇଥିଲେ। ପୂର୍ବରୁ ସନାତନଙ୍କ ବିରୋଧରେ କୌଣସି ଅଭିଯୋଗ କରି ନ ଥିବା ନେତାମାନଙ୍କୁ ସନାତନ ଭୟ ଲାଗିଥିବାରୁ ନିଜର ସ୍ଥିତି ସୁଧାରିବାକୁ ଏଭଳି ପ୍ରୟାସ ହୋଇଥିବା କୁହାଯାଉଛି। ଦଳରୁ ନିଲମ୍ବନ ଓ ପରେ ବହିଷ୍କାର କରାଯାଇଥିବା ନେତାଙ୍କୁ ଟିକେଟ ଦେବା ନାମରେ ଠକି ଆସୁଥିବା ନେତାଙ୍କ ମୁଖା ଖୋଲି ଯାଇଛି। ଘଟଣା ସମ୍ପର୍କରେ ରାଜ୍ୟ ସଙ୍ଗଠନ ମଧ୍ୟ ଅବଗତ ହୋଇଥିବା ଆଲୋଚନା ହେଉଛି। ବ୍ୟାପକ ଅରାଜକତା ଏବଂ ପୁରୁଖା କର୍ମୀ ଓ ନେତାଙ୍କ ଅଣଦେଖା ସାଙ୍ଗକୁ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରୁଥିବା ଜିଲା ସଙ୍ଗଠନର କେତେକ ନେତା ଜିଲାରେ ଦଳକୁ ଦୁର୍ବଳ କରି ଦେଉଛନ୍ତି। ଏହାର ଫାଇଦା ଜିଲାରେ ଅନ୍ୟ ବିରୋଧୀ ଦଳଗୁଡିକ ନେଉଥିବା ଚର୍ଚ୍ଚା ହେଉଛି। ଏ ନେଇ ଦଳ ମଧ୍ୟରେ ବିବାଦ ଘନୀଭୂତ ହେବାକୁ ଲାଗିଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

# ଚମ୍ପୁଆରେ ଛଟ୍ ପୂଜା


ଉଦୟ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଆଯାଉଛି।

**ଚମ୍ପୁଆ, ୧୪।୧୧(ଡି.ଏନ.ଏ.)**

କାର୍ତ୍ତିକ ଶୁକ୍ଳ ପକ୍ଷରେ ସୂର୍ଯ୍ୟ ଉପାସନାରେ ଅନ୍ୟ ପରମ୍ପରା ତଥା ଛଟ ପୂଜା ପବିତ୍ର ବୈତରଣୀ କୂଳରେ ପାଳିତ ହୋଇଯାଇଛି। ବିହାରୀ ସମ୍ପ୍ରଦାୟର ଛଟ ବ୍ରତଧାରୀ ମଙ୍ଗଳବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ବୁଧବାର ବୈତରଣୀ କୂଳରେ ସମବେତ ହୋଇ ଉଦୟ ସୂର୍ଯ୍ୟଙ୍କୁ ଶେଷ ଅର୍ଘ୍ୟ ପ୍ରଦାନ କରି ପୂଜା କରିଥିଲେ। ଇଷ୍ଟଦେବ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଦେଶ ତଥା ଜାତିର ମଙ୍ଗଳ କାମନା କରିଥିଲେ। ଉପବାଦ ବ୍ରତୀ ମାନସୀକଧାରୀ ନଦୀକୂଳରେ ହୋମଯଜ୍ଞ ଆଦି କରିଥିଲେ। ଚମ୍ପୁଆ ଛଟ କମିଟିର ସଭ୍ୟ ନବୀନ ସାହୁ, ରିତ ସାହୁ, ବିଜୁ ସାହୁ, ମଣ୍ଟୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବୈତରଣୀ କୂଳକୁ ରଙ୍ଗାରଙ୍ଗ ଆଲୋକରେ ସୁସଜ୍ଜିତ କରାଯାଇଥିଲା।

### ଜଙ୍ଗଲ ଆଇନ ନେଇ କର୍ମଶାଳା

**ତେଲକୋଇ, ୧୪।୧୧(ଡି.ଏନ.ଏ.)**

ତେଲକୋଇ ପଞ୍ଚାୟତ କାର୍ଯ୍ୟଳୟରେ ମଙ୍ଗଳବାର ଜଙ୍ଗଲ ଆଇନ ଓ ଗୋଷ୍ଠୀ ଅଧିକାରୀ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୪ ପଞ୍ଚାୟତର ୨୦ ଗ୍ରାମବାସୀ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଓସ୍କା କେନ୍ଦୁଝର ଅନୁକୂଲ୍ୟରେ ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ମମତା ଦେହୁରି ସାମିଲ ହୋଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବନାଞ୍ଚଳ ଅଧିକାରୀ ପିତାମ୍ବର ନାୟକ, ଆଦିବାସୀ ମଙ୍ଗଳାଧିକାରୀ ଜୀବନ ସିଂ ମୁଣ୍ଡା, ସଂଯୋଜକ ବିଶ୍ୱରୂପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓସ୍କା ସଙ୍ଗଠନର ସମ୍ପାଦକ ଧରିତ୍ରୀ ରାଉତ ସଭା ପରିଚାଳନା କରିଥିଲେ। ଆଦିବାସୀ ବହୁଳ ଜଙ୍ଗଲ ଅଞ୍ଚଳରେ ଦୀର୍ଘ ଦିନରୁ ବସବାସ କରୁଥିବା ଆଦିବାସୀଙ୍କ ପାଇଁ ଗୋଷ୍ଠୀ ଅଧିକାର ଓ ଜଙ୍ଗଲ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ପରିବାରକୁ ଜମିପଟ୍ଟା ଦେବାକୁ ଗୁରୁତ୍ୱ ଦିଆଯିବା ବୋଲି ଓସ୍କା ସମ୍ପାଦକ ପ୍ରକାଶ କରିଥିଲେ।

DADLS-176

**ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା**

ତା.୧୭.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
କୁଇଜ ପ୍ରତିଯୋଗିତା
ବର୍ଗ -ଅଷ୍ଟମ ରୁ ଦଶମ ଶ୍ରେଣୀ
ବକ୍ତୃତା ପ୍ରତିଯୋଗୀତା — ସମୟ ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା.୧୯.୧୧.୨୦୧୮ — ସ୍ଥାନ – ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା — ସମୟ – ମଧ୍ୟାହ୍ନ ୧୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା — ସମୟ – ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ) — ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ

- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇଦିଆଯିବ । ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧକ୍ଷ / ଅଧକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୧୭.୧୧.୨୦୧୮ରିଖ(ପ୍ରବନ୍ଧ, କୁଇଜ ଓ ବକ୍ତୃତା) ଏବଂ ୧୯.୧୧.୨୦୧୮(ପ୍ରବନ୍ଧ ଓ ବକ୍ତୃତା) ସନ୍ଧ୍ୟା ୫.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0388/1819



**ସଂକ୍ଷେପରେ**

## ହାତୀ ଭୟରେ ଚାଷୀ

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.):** ସଦର ରେଞ୍ଜ ଅନ୍ତର୍ଗତ କେରୀ ଅଞ୍ଚଳରେ ୨ଦିନ ହେଲା ୧୧ ହାତୀ ଉପଦ୍ରବ ଚଳାଇଛନ୍ତି। ଲୋକେ ଭୟଭୀତ ହୋଇ ରହିଛନ୍ତି। ହାତୀପଲ ବ୍ୟାପକ ଧାନ ଫସଲ ହାନୀ ଘଟାଉଛି। ବନ ବିଭାଗ ଫସଲକୁ ସୁରକ୍ଷା ଦେଇପାରୁ ନ ଥିବାରୁ ଅସନ୍ତୋଷ ବଢୁଛି। ଲୋକେ ନିଜର ଧନ ଓ ଜୀବନର ସୁରକ୍ଷା ପାଇଁ ରାତି ଅନିଦ୍ରା ହୋଇ ହାତୀ ଘଉଡାଇବାରେ ଲାଗିଛନ୍ତି। ବିଲରେ ଧାନ ଫସଲ ପାଚି ଯାଇଥିବାରୁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଦିନରେ ଜଙ୍ଗଲରେ ରହୁଛନ୍ତି। ରାତି ହେଲେ ଗାଁ ଗଣ୍ଡା ଓ ବିଲରେ ପଶି ଉପଦ୍ରବ ଚଳାଉଛନ୍ତି। ହାତୀ ଉପଦ୍ରବ ଯୋଗୁ ନୂଆଗାଁ, କେରୀ, ମଇଦାନକେଲ, ଡାବରଚୁଆ ଆଦି ଆଖପାଖ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ରହିଛନ୍ତି। ଏ ନେଇ ସଦର ରେଞ୍ଜ ଅଧିକାରୀ ସୁଶାନ୍ତ ପ୍ରଧାନଙ୍କୁ ପଚାରିବାରୁ ଫସଲ ହାନୀ ପାଇଁ କ୍ଷତିପୂରଣ ଆକଳନ କରି ଦିଆଯିବ। ହାତୀ ପାଖକୁ ନ ଯିବା ପାଇଁ ଏବଂ ହାତୀଙ୍କୁ ଉତ୍ୟକ୍ତ ନ କରିବାକୁ ଲୋକଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।

## ମଦ ବେପାରୀ ଗିରଫ

**ରାଇସୁଆଁ, ୧୪।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳ ଗ୍ରାମରୁ ବୁଧବାର ଜଣେ ମଦ ବେପାରୀଙ୍କୁ ସଦର ପୋଲିସ ଗିରଫ କରିଛି। ସେ ହେଲେ ରମେଶ ମୁଣ୍ଡା। ତାଙ୍କ ନିକଟରୁ ୫ ଲିଟର ମହୁଲି ମଦ ଜବତ ହୋଇଛି। ମଦ ବିକ୍ରି ଅଭିଯୋଗରେ ଉକ୍ତ ଗାଁରେ ସଦର ପୋଲିସ ଚଢ଼ାଉ କରିଥିଲା ବୋଲି ଶୁଆକାଟି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ବୈତରଣୀ ସେତୁର ସ୍ଥିତି ଯାଞ୍ଚ

**ଆନନ୍ଦପୁର,୧୪।୧୧(ସ୍ୱ.ପ୍ର.):** ଆନନ୍ଦପୁରର ବୈତରଣୀ ସେତୁର ସ୍ଥିତି ନେଇ ବୁଧବାର ହାଇଦ୍ରାବାଦର ବସନ୍ତ ଟେକ୍ନୋକ୍ରାଫ୍ଟ ପକ୍ଷରୁ ଏକ ଟେକ୍ନିକାଲ୍ ଟିମ୍ ଯାଞ୍ଚ କରିଛି। ସେତୁ ଦବି ଯାଇଥିବା ସ୍ଥାନ, କ୍ରାକ୍ ହୋଇଥିବା ସ୍ଥାନ ଏବଂ ଜଏଣ୍ଟ ଗୁଡିକୁ ଯାଞ୍ଚ କରାଯାଇଛି। ଆନନ୍ଦପୁର ପୂର୍ତ୍ତ ବିଭାଗ ଏସଡିଓ ସମୀର କୁମାର ଅଧିକାରୀଙ୍କ ନେତୃତ୍ୱରେ ଟେକ୍ନିକାଲ୍ ଟିମ୍ ପକ୍ଷରୁ ବିନୋଦ କୁମାର ମିଶ୍ରା, କେ. ଏଲ. ଠାକୁର ପ୍ରମୁଖ ଉପସ୍ଥିତ ରହି କିଭଳି ଭାବେ ମରାମତି କାର୍ଯ୍ୟ କରାଯିବ ସେ ନେଇ ସ୍ଥିତି ଯାଞ୍ଚ କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ସେତୁ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥାନୀୟ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସେତୁର ଗୋଟିଏ ପାର୍ଶ୍ୱର ପିଲାରରୁ ବେରିଂ ଖସିବା ପରେ ଗୋଟିଏ ସ୍ପାନ୍ ଦବି ଯାଇ ଦୀର୍ଘ ୪ ମାସ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଛି।

## ଅମୃତମଣି ଉତ୍ସବରେ ଯଜ୍ଞ

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.):** ସ୍ଥାନୀୟ ବ୍ରାହ୍ମଣ ସମାଜ ପକ୍ଷରୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଅମୃତମଣୀ ଉତ୍ସବ ଉପଲକ୍ଷେ ଯଜ୍ଞ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣମାନେ ଏଥିରେ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ। ୯ ବର୍ଷ ହେଲା ଉତ୍ସବ ପାଳିତ ହୋଇ ଆସୁଛି। ଗୀତାଯଜ୍ଞ, ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ବେଦ ବିଦ୍ୟାଳୟର ଛାତ୍ରମାନେ ସାମିଲ ହୋଇ ଗୀତାଯଜ୍ଞ କରିଥିଲେ। ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାର୍ତ୍ତିକ ଶୁକ୍ଳ ସପ୍ତମୀରେ ଠାକୁରଙ୍କୁ ଅମୃତମଣୀ ଅର୍ପଣ କରାଯିବା ବ୍ୟବସ୍ଥା ରହିଛି। ଠାକୁରଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାଏ ବୋଲି ପଣ୍ଡିତ ମହାସଭା ସମ୍ପାଦକ ଶୁକଦେବ ପତି କହିଛନ୍ତି।

## ଶିଶୁ ଦିବସରେ 'ଆସ ଖେଳିବା'

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.):** ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସଦଭାବନା ଦ୍ୱାରା 'ଆସ ଖେଳିବା' ଏକ ଭିନ୍ନ ଧରଣର ଅନ୍ତର୍ନିର୍ବେଶୀ କ୍ରୀଡ଼ା କାର୍ଯ୍ୟକ୍ରମ ଶିଶୁ ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଆଜିକାର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ସେମାନଙ୍କୁ ସ୍ନେହ ପ୍ରଦାନ ସହ ଶିକ୍ଷାଦାନ କରିବାର ଦାୟିତ୍ୱ ପରିବାର ଓ ସମାଜର ରହିଛି। କ୍ରୀଡ଼ା ମାଧ୍ୟମରେ ସେମାନଙ୍କ ମଧ୍ୟରେ ଐକ୍ୟ ମନୋଭାବ ଜାଗ୍ରତ କରିବା ଏହାର ଉଦ୍ଦେଶ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମାଜିକ କର୍ମୀ ଭକ୍ତବତ୍ସଳ ମହାନ୍ତି, ସଞ୍ଜିବ ଘୋଷ, ବିଜୟ କୁମାର ସମେତ ସାମିଲ ଥିଲେ। ପ୍ରୟାସ ଓ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ରହି ଭାଗ ନେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବୋଟିଂ ମଜାରୁ ବଞ୍ଚିତ ପର୍ଯ୍ୟଟକ

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

■ନଷ୍ଟ ହେବାକୁ ବସିଛି ବୋଟ
■ବିମୁଖ ହେଉଛନ୍ତି ଅତିଥି
■ନିଆଯାଉନି ପଦକ୍ଷେପ

ପର୍ଯ୍ୟଟନ ଋତୁରେ କେନ୍ଦୁଝର ଜିଲାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଆଗମନ ବଢୁଛି। ଏ ନେଇ ଓଡ଼ିଶା ପ୍ରସିଦ୍ଧ ସାନଘାଗରା ଜଳପ୍ରପାତର ବିକାଶ ପାଇଁ ବହୁ ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ସେଠାରେ ଦୀର୍ଘବର୍ଷ ହେଲା ନୌବିହାରରେ ବୋଟିଂ ସୁବିଧା ବନ୍ଦ ହୋଇଯାଇଛି। ଫଳରେ କେନ୍ଦ୍ରସ୍ଥଳକୁ ଆସୁଥିବା ପର୍ଯ୍ୟଟକ ନିରାଶ ହେଉଛନ୍ତି। ସୁବିଧା ସୁଯୋଗ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତାହାର ପରିସରରେ ଅନେକ ଟଙ୍କା ଖର୍ଚ୍ଚ କରାଯାଇ ଅନ୍ୟ ଖେଳ ବ୍ୟବସ୍ଥା କରାଯାଉଛି। ବନ୍ଦ ରହିଥିବା ନୌବିହାର ଚଲାଇବା ନେଇ ଆନ୍ତରିକତା ପ୍ରଦର୍ଶନ କରାଯାଉ ନ ଥିବାରୁ ପର୍ଯ୍ୟଟକ ବିମୁଖ ହେଉଛନ୍ତି। ସାନଘାଗରା ଜଳପ୍ରପାତକୁ ପର୍ଯ୍ୟଟକଙ୍କ ଆଗମନ ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ସାନଘାଗରା ଆସି ପ୍ରାକୃତିକ ଜଳପ୍ରପାତ, ପରିବେଶକୁ ବୁଲି ଦେଖିବା ସହ ଭୋଜିଭାତ



ସାନଘାଗରା ଜଳପ୍ରପାତ ନିକଟରେ ଥିବା ନୌବିହାର ସ୍ଥଳ।

କରିଥାନ୍ତି। ଅନ୍ୟତମ ପ୍ରମୁଖ ଆକର୍ଷଣ ଭାବରେ ବୋଟିଂ (ନୌବିହାର)ର ମଜା ଉଠାଇଥାନ୍ତି। ୩ ବର୍ଷ ହେଲା ବୋଟିଂ ପାଇଁ ପୋଖରୀ (ହ୍ରଦ) ଖୋଳାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଛି। ବିନା ଟେଣ୍ଡରରେ ଓ ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା କାମ କରାଯାଇଥିଲା। ଫଳରେ ହ୍ରଦରେ ପାଣି ରହିଲା ନାହିଁ। ପରବର୍ତ୍ତୀ ସମୟରେ ଏକ ଘରୋଇ କମ୍ପାନୀ ଦ୍ୱାରା ଖନନ ଓ ନିର୍ମାଣ କାମ କରାଗଲା। ଏହା ସତ୍ତ୍ୱେ ହ୍ରଦରେ ପାଣି ନ ଥିବାରୁ ବୋଟିଂ ଚାଲିପାରୁ ନାହିଁ। ବୋଟଗୁଡିକ ବାହାରେ ନଷ୍ଟ ହେବାକୁ ବସିଛି। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଏକ ଘରୋଇ କମ୍ପାନୀ ଦ୍ୱାରା ହ୍ରଦ ଖନନ କାମ କରାଯାଇଛି। ବୋଟିଂ ଚାଲୁନାହିଁ। ବୋଟିଂ ଚଲାଇବା ପାଇଁ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି। ସାନଘାଗରାରେ ବୋଟିଂ ଅନ୍ୟତମ ପ୍ରମୁଖ ଆକର୍ଷଣ। ଯାହା କି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଜଳାଭାବ ଯୋଗୁ ଏହା ଦୀର୍ଘ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ପର୍ଯ୍ୟଟକ ମୁହଁ ଫେରାଉଛନ୍ତି ବୋଲି ସାମାଜିକ କର୍ମୀ ସନ୍ତୋଷ ମହାପାତ୍ର କହିଛନ୍ତି। ସାନଘାଗରା ଜଳପ୍ରପାତର ବିକାଶରେ ପ୍ରଶାସନର ମନମୁଖି ନିଷ୍ପତ୍ତିକୁ ନେଇ ରାଜ୍ୟସ୍ତରୀୟ କେନ୍ଦ୍ରର ବିକାଶରେ ବାଧାସୃଷ୍ଟି ହେବା ସହ ମାମଲା କୋର୍ଟକୁ ଯାଇଛି। ଏହାର ତଦାରଖ ସାନଘାଗରା ଉନ୍ନୟନ ସମିତି କରୁଥିବା ବେଳେ ଚେୟାରମ୍ୟାନ ଉପଜିଲାପାଳ ରହିଛନ୍ତି। ବିକାଶ ଖର୍ଚ୍ଚ ହିସାବ, ନିଷ୍ପତ୍ତି ସୂଚନା ଅଧିକାର ଆଇନ ଅନୁଯାୟୀ ମାଗିଲେ ତଥ୍ୟ ଦିଆଯାଉ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି ବୋଲି ସୂଚନାକର୍ମୀ ଅରବିନ୍ଦ ବେହେରା କହିଛନ୍ତି। ଏ ନେଇ ଜିଲାପାଳ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ଜିଲା ଜଜ୍ କୋର୍ଟ ମାଲଖାନାରୁ ଚୋରି

# ଗଞ୍ଜେଇ ଜବତ, ଜଣେ ଗିରଫ

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

ସୁରକ୍ଷା ବଳୟରେ ଥିବା ସ୍ଥାନୀୟ ଜିଲା ଜଜ କୋର୍ଟ ପରିସରର ମାଲଖାନାରୁ ଚୋରି ହୋଇଛି। ବନକ ବିହାରୀ ବାଇ ନାମକ ଜଣେ କର୍ମଚାରୀ ୨ ବସ୍ତା ଗଞ୍ଜେଇ ଚୋରି କରି ନେଇଥିଲେ। ଏ ନେଇ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ତଦନ୍ତ କରି ବେଲବାହାଳୀସ୍ଥିତ ଘର ଉପରେ ଚଢାଉ କରିଥିଲା। ବୁଧବାର ବନକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ


ଯୁବକଙ୍କୁ ପୋଲିସ ଗିରଫ କରି ନେଉଛି।

ହୋଇଛି। ୧୫ କେଜି ଗଞ୍ଜେଇ ଜବତ ହୋଇଥିବା ସବଇନ୍ସପେକ୍ଟର ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦିଆଯାଇଛି।

# କାଠ ସହ ଗାଡ଼ି ପୋଡ଼ି

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ବଣେଇ ସୀମାରେ ଦ୍ରୁତଗତିରେ ମଙ୍ଗଳବାର ରାତିରେ ଚୋରା କାଠ ନେଇ ଯାଉଥିବା ଏକ ଜିପ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ପରେ ଦୁର୍ବୃତ୍ତମାନେ ଗାଡି ପୋଡି ଦେଇଛନ୍ତି। ବନ ବିଭାଗ ପକ୍ଷରୁ ବୁଧବାର ଘଟଣାସ୍ଥଳରେ ପହଞ୍ଚି କେତେ ଖଣ୍ଡ କାଠ ଜବତ କରିଛି। ଗାଡି ସହ କାଠ ପୋଡି ହୋଇଯାଇଥିବା ବେଳେ କାହାର ଗାଡି ଓ କେଉଁଠିକୁ କାଠ ଧରି ଯାଉଥିଲା ତାହାର ତଦନ୍ତ ବନ ବିଭାଗ କରୁଛି। ଦୈନିକ କାଠ ଚୋରାକାର ଚାଲିଥିବା ସ୍ଥାନୀୟ ଲୋକ କହିଛନ୍ତି। ଉପଯୁକ୍ତ ପାଟ୍ରୋଲିଂ ଅଭାବରୁ କାଠ ମାଫିଆ ସକ୍ରିୟ ହୋଇଥିବା ଅଭିଯୋଗ ହେଉଛି।

# ସହାୟତା ଅପେକ୍ଷାରେ ତୁଳସୀ

**ଚମ୍ପୁଆ, ୧୪।୧୧(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ପର୍ସଳା ପଞ୍ଚାୟତର ବେଷ୍ଟକାର ସାହିରେ ଦୀର୍ଘଦିନ ଧରି ଅସହାୟ ଭାବେ ତୁଳସୀ ଜୀବନ ବିତାଉଛନ୍ତି। ତାଙ୍କୁ ସହାୟତା ପାଇଁ ଦାବି ହେଉଛି। ଟିବି ରୋଗରେ ପୀଡିତ ହେବା ପରେ ତୁଳସୀ ଔଷଧ ବ୍ୟବହାର କରି ଭଲ ହୋଇଗଲେ। ମାତ୍ର କିଛିଦିନ ପରେ ଶାରୀରିକ ଅସୁସ୍ଥତା ଅନୁଭବ କରିଥିଲେ। ଆର୍ଥିକ ଅନଟନ ମଧ୍ୟରେ ନିଜର ଚିକିତ୍ସା କରି ନ ପାରି ବର୍ତ୍ତମାନ ସୁଦ୍ଧା ପଡିରହିଛନ୍ତି।

ଗୋପୀନାଥପୁର ବେଷ୍ଟକାର ସାହିର ଲମ୍ବୋଦର ବେଷ୍ଟକାରଙ୍କ ସ୍ତ୍ରୀ ତୁଳସୀ। ସେ ୧ ବର୍ଷ ହେବ ବିଛଣାରେ ପଡିରହିଛନ୍ତି। ସ୍ତ୍ରୀ ସ୍ୱାମୀ ଉଭୟ କୁଲି ମଜୁରି କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ତୁଳସୀ ରୋଗରେ ପୀଡିତ ହୋଇ ବିଛଣାରେ ପଡିରହିଛନ୍ତି। ସ୍ୱାମୀ ଲମ୍ବୋଦର ଦିନମଜୁରି କରି ପରିବାର ଚଳାଉଥିଲେ ହେଁ ସ୍ତ୍ରୀଙ୍କୁ ଔଷଧ ଦେବାରେ ସମର୍ଥ ହୋଇପାରିନାହାନ୍ତି।


ବିଛଣାରେ ବସିଛନ୍ତି ତୁଳସୀ।

ସରକାରଙ୍କ ପକ୍ଷରୁ ମିଳୁଥିବା ଚାଉଳ ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉ ନ ଥିବାରୁ ପେଯ ତୋରାଣି ପିଇ ଦିନ କାଟିବାକୁ ପଡୁଛି। ଅର୍ଥ ଅଭାବରୁ ଡାକ୍ତରଖାନା ଯାଇପାରୁ ନାହାନ୍ତି। ଔଷଧ କିଣିପାରୁ ନାହାନ୍ତି। ତୁଳସୀଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ଖେଳପଡ଼ିଆରେ ପ୍ରବେଶ ବାରଣ ନେଇ ଅସନ୍ତୋଷ

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.):**

କେନ୍ଦୁଝର ମାଇନିଂ ରୋଡ଼ସ୍ଥିତ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ ପଡ଼ିଆରେ ପ୍ରବେଶ ନେଇ ବାରଣରୁ ଅସନ୍ତୋଷ ତୀବ୍ର ହେଉଛି। ଏହି ପଡ଼ିଆରେ ବହୁ ବର୍ଷ ଧରି ସ୍ଥାନୀୟ ଲୋକେ ପ୍ରାତଃ ଭ୍ରମଣ କରିବା ସହ ଯୋଗପ୍ରାଣାୟକ, ବ୍ୟାୟାମ ଆଦି କରିଆସୁଛନ୍ତି। ପଡ଼ିଆରେ ବିଭିନ୍ନ ପ୍ରକାରର ଖେଳ ଓ କ୍ରୀଡା ପ୍ରତିଯୋଗିତା ଆୟୋଜନ ହୋଇ ଆସୁଛି। ତାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରଣ କରୁଥିବା ଏବଂ ପ୍ରବେଶ ପାଇଁ ଅର୍ଥ ଦାବି କରାଯାଉଥିବାରୁ ସ୍ଥାନୀୟ ଲୋକେ ଜିଲାପାଳ ଆଶିଷ ଠାକରେଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ବିନା ରସିଦରେ ଟଙ୍କା କିପରି ଦେବୁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ବିଦ୍ୟାଳୟ ପଡ଼ିଆରେ ବିଭିନ୍ନ ପ୍ରକାରର ଖେଳ ଆୟୋଜନ ହେଉଛି। ବେଆଇନ ଘର ନିର୍ମାଣ ହୋଇଥିଲେ ସେସବୁକୁ ବାରଣ କରା ନ ଯାଇ ପ୍ରାତଃଭ୍ରମଣ ଓ ଯୋଗ ଆଦି ବ୍ୟାୟମ କରୁଥିବା ବୟସ୍କ ନାଗରିକ, ସ୍ଥାନୀୟ ଯୁବତୀଯୁବକ ପ୍ରମୁଖଙ୍କୁ ବାରଣ କରାଯିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଜିଲାପାଳ ସେମାନଙ୍କ ଅଭିଯୋଗ ଶୁଣି ପୂର୍ବପରି ପ୍ରାତଃଭ୍ରମଣ, ବ୍ୟାୟାମ ଆଦି କରିବାକୁ ପରାମର୍ଶ ଦେଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅରବିନ୍ଦ ବେହେରା, ଶିବ ଚରଣ ବେହେରା, ଜ୍ୟୋତିରଞ୍ଜନ ଦାସ, ମୁନା ଶର୍ମା ସମେତ ବହୁ ସ୍ଥାନୀୟ ଲୋକ ଓ ବରିଷ୍ଠ ନାଗରିକ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇବାକୁ ମଙ୍ଗଳବାର ଆସିଥିଲେ।

# ଘର ସଜାଡ଼ିବାକୁ ଅର୍ଥ ନାହିଁ


ଭାଙ୍ଗି ଯାଇଥିବା ଘର।

**କୋଲିମାଟି, ୧୪।୧୧**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତ କୋଲିମାଟି ଗ୍ରାମ କଲୋଣୀ ସାହିର ଦମ୍ପତି ଭଙ୍ଗାଘରେ ଜୀବନ ବିତାଉଛନ୍ତି। ଘର ମରାମତି କରିବାକୁ ପାଖରେ ଅର୍ଥ ଅଭାବ ରହିଛି। ଫଳରେ ଦମ୍ପତି ଅମର ନାଏକ ଏବଂ ଅଳତି ତାଙ୍କ ୨ ସନ୍ତାନ ସନୁ ଓ ମନୁଙ୍କୁ ନେଇ ଭଙ୍ଗାଘରେ ରହୁଛନ୍ତି। ସରକାରୀ ସହଯୋଗରେ ଘର ମରାମତି ପାଇଁ ଅପେକ୍ଷା କରିଛନ୍ତି। ଗରିବ ଲୋକ ହୋଇଥିବାରୁ ନିଜ ଘରକୁ ସଜାଡିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି।

ସେ ପର ଘରେ ମୂଲ ମଜୁରି କରି ଚଳନ୍ତି। ଯାହା ପଇସା ରୋଜଗାର କରନ୍ତି ତାଙ୍କ ପରିବାର ଚଳେ। ଯେଉଁ ଦିନ ଅନ୍ୟ ଘରକୁ କାମକୁ ନ ଯାଇପାରନ୍ତି ସେ ଦିନ ଘରେ ଚୁଲି ଜଳେ ନାହିଁ। ଏ ନେଇ କୋଲିମାଟି ପଞ୍ଚାୟତଠାରୁ ଆରମ୍ଭ କରି ଆନନ୍ଦପୁର ବ୍ଲକ ପର୍ଯ୍ୟନ୍ତ ଦୌଡି ସେ ନିରାଶ ହୋଇଛନ୍ତି। ତାଙ୍କୁ ସହାୟତା କିମ୍ବା ସରକାରୀ ଘରଟିଏ ମିଳିପାରି ନାହିଁ। ସମ୍ପୃକ୍ତ ପରିବାରର ସଦସ୍ୟ ବହୁ ଦୁଃଖକଷ୍ଟରେ ଦିନ ବିତାଉଥିବା କଲୋଣି ସାହିର ସାମାଜିକକର୍ମୀ ରମାକାନ୍ତ ନାଏକ କହିଛନ୍ତି।

## 'ଶିଶୁ ଦେଶର ଭବିଷ୍ୟତ'

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

କେନ୍ଦୁଝର ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲାସ୍ତରୀୟ ଶିଶୁ ଦିବସ-୨୦୧୮ ଓ ପୃଷ୍ଟପୋଷକତା ରାଶି ବଣ୍ଟନ ଉତ୍ସବ ସ୍ଥାନୀୟ ଏନ୍ଏସ୍ ପୋଲିସ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ନୃତ୍ୟ, ସଂଗୀତ ଓ ନାଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଓ ଦୌରାଜଜ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇ ଶିଶୁମାନେ ଦେଶର ଭବିଷ୍ୟତ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ବିଚାରପତି ପ୍ରଦ୍ୟୁମ୍ନ କୁମାର ନାୟକ, ସ୍ଥାୟୀ ଲୋକ ଅଦାଲତର ବିଚାରପତି ରାମନାଥ ପଣ୍ଡା, ପରିବାର ଅଦାଲତର ବିଚାରପତି ପ୍ରଣବ କୁମାର ରାଉତରାୟ, ଅତିରିକ୍ତ ଜିଲାଜଜ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଆଇନସେବା ପ୍ରାଧିକରଣର ସଚିବ ବନାଲୀ ତ୍ରିପାଠୀ, ଦେୱାନୀ ଜଜ ନିରଞ୍ଜନ ପାତ୍ର, ଜେଏମ୍ଏଫସି ଶାନ୍ତାଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁଙ୍କ ଉଦ୍ଦେଶରେ ଉଦ୍‌ବୋଧନ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଗୀତାଳି ମିଶ୍ର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଶୁ ଓ ସେମାନଙ୍କ ଅଭିଭାବକ ସାମିଲ ହୋଇଥିଲେ।

# ଶିଶୁ ସୁରକ୍ଷା ନେଇ ସଚେତନତା

**ପାଟଣା, ୧୪।୧୧(ସ୍ୱ.ପ୍ର.)**

ପାଟଣା ମୁଖ୍ୟାଳୟରେ ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁ ଦିବସ ଅବସରରେ ଶିଶୁ ନିର୍ଯାତନା ରୋକିବା ନେଇ ବୁଧବାର ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ମୁଖ୍ୟାଳୟସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟ ଠାରୁ ଏକ ରାଲି ବାହାରିଥିଲା। ସ୍ଥାନୀୟ ଜିଏନ ହାଇସ୍କୁଲର ଛାତ୍ରୀଛାତ୍ର ଏକ ବିରାଟ ସଚେତନତା ଶୋଭାଯାତ୍ରାରେ ବାହାରି ଥିଲେ। ହାତରେ ପ୍ଲାକାର୍ଡ ବ୍ୟାନର ଧରି ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ଓ ମହିଳା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ସମେତ ବଜାର ପରିକ୍ରମା କରିଥିଲେ।

ଶିଶୁ ଯୌନ ଶୋଷଣ, ଶିଶୁ



ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଶ୍ରମିକ, ବାଲ୍ୟ ବିବାହ ରୋକିବା ସହ ଶିଶୁଙ୍କ ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଚାଇଲ୍ଡ ଲାଇନର ସଂଯୋଜକ ବୁଦ୍ଧିସୁନ୍ଦର ମିଶ୍ର, ସଦସ୍ୟ ପ୍ରିୟବ୍ରତ ସାମଲ, ଅକ୍ଷୟ ମହାନ୍ତ, ଡଲି ନାଏକ, ରୀନାରାଣୀ ଗିରି, ସୁଜାତା ଦେହୁରି ଓ ଶିକ୍ଷକ ଶାନ୍ତନୁ କୁମାର ସାହୁ, କୈଳାସ ମହାନ୍ତ, ଶିକ୍ଷୟିତ୍ରୀ ମନସ୍ୱିନୀ ବିଶ୍ୱାଳ ଓ ଶର୍ମିଷ୍ଠା ସୋରେନ ପ୍ରମୁଖ ସଚେତନତା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଶାଳବଣୀରେ ତନ୍ତୀକୁଳ ପରିବାର ସମାବେଶ

**କୋଲିମାଟି, ୧୪।୧୧**

ଆନନ୍ଦପୁର ବ୍ଲକ ଶାଳବଣୀ ଗ୍ରାମରେ ସମଗ୍ର ରାଜ୍ୟର କାଶ୍ୟପଗୋତ୍ରୀ ତନ୍ତୀକୁଳର ନଅଶହ ପରିବାରକୁ ଏକତ୍ରିତ କରି ଏକ ମହାସମାବେଶ କରାଯାଇଛି। ଏଥିରେ ରାଜ୍ୟର ପ୍ରତ୍ୟେକ ଜିଲାର ମୁଖ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଓ ସମାଜସେବୀ ଚୈତନ୍ୟ କୁମାର ଜେନାଙ୍କ ସଭାପତିତ୍ୱରେ ରାଜ୍ୟ ଉପସଭାପତି ବିଦ୍ୟାଧର ମଣ୍ଡଳ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଉପଦେଷ୍ଟା ଲକ୍ଷ୍ୟବଛ କୁମାର ମଣ୍ଡଳ, ମୁଖ୍ୟବକ୍ତା ଭାବେ ଉପଦେଷ୍ଟା ଓ ସମାଜସେବୀ ନାରାୟଣ ଦାଶ ଯୋଗ ଦେଇଥିଲେ। ତନ୍ତୀକୁଳ ଜାତି ଉଦ୍ଦେଶ୍ୟରେ ଲୋକଙ୍କୁ ଅଭିଭାଷଣ ଦିଆଯାଇଥିଲା।

ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ସଙ୍ଗଠନର ସ୍ଥାୟୀ ସଭାପତି ସୁରେନ୍ଦ୍ର ନାଥ ଭୂୟାଁ ଏବଂ ଉପସଭାପତି ବିଦ୍ୟାଧର ମଣ୍ଡଳ, ସମ୍ପାଦକ ଖଗେଶ୍ୱର ବେହେରା ସହ ସମ୍ପାଦକ ଗଗନ ବିହାରୀ ଦାଶ, ବାବୁଲି ଦଣ୍ଡପାଟ, ବିଦ୍ୟାଧର ଦାସ, ମୁକୁନ୍ଦ ବେହେରା, ବଳରାମ ବେହେରା ପ୍ରମୁଖ ଯୋଗଦେଇ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀରେ ଥିବା ନିଜ ଜାତିର କଡାକିଆ ତନ୍ତୀମଠର ସର୍ବାଙ୍ଗୀନ ଉନ୍ନୟନ କାମନା କରିଥିଲେ। ଭାଇଚାରା ବଜାୟ ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସଭାରେ ଭୀମସେନ ବେହେରା, ନିରଞ୍ଜନ ଦାସ, ଡମ୍ବରୁ ଘଡାଇ, ଶ୍ୟାମ ଦାସ, ଗଙ୍ଗାଧର ଗିରି, ନୃସିଂହ ମଣ୍ଡଳ ପ୍ରମୁଖ ଦାୟିତ୍ୱ ନେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# 'ସବୁ ଶିଶୁ ଶ୍ରମିକଙ୍କୁ ମୁକ୍ତ କର'

**କେନ୍ଦୁଝର, ୧୪।୧୧(ସ୍ୱ.ପ୍ର.)**

■ଶିଶୁ ଅଧିକାର ସପ୍ତାହ ପାଳନ
■ସଚେତନତା ରଥର ଶୁଭାରମ୍ଭ
■ପଦଯାତ୍ରାରେ ଛାତ୍ରୀଛାତ୍ର

ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶିଶୁ ସପ୍ତାହ ଅଧିକାର ସପ୍ତାହ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଏକ ଶିଶୁ ଅଧିକାର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ପ୍ଲାନ ଇଣ୍ଡିଆ ସହାୟତାରେ ଅନୁଷ୍ଠିତ ଓ ଓସ୍କା ପ୍ଲାନ ଆନୁକୂଲ୍ୟରେ ରଥକୁ ଶିଶୁ ଶ୍ରମିକ ମୁକ୍ତ ପ୍ରକଳ୍ପ ମାଧ୍ୟମରେ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ଶିଶୁଙ୍କୁ ନେଇ ଏକ ସଚେତବନତା ପଦଯାତ୍ରା ଆୟୋଜନ କରାଯାଇ ସହର ପରିକ୍ରମା କରାଯାଇଥିଲା। ଜିଲାର ହରିଚନ୍ଦନପୁର, ସଦର, ବାଂଶପାଳ ଓ ଯୋଡ଼ା ବ୍ଲକରେ ସଚେତନତା ରଥ ବୁଲିବ।

**ଆନନ୍ଦପୁର, (ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡର କେଶଦୁରାପାଳ ଜନ ମଙ୍ଗଳ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଇଲ୍ଡଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପର୍ଯ୍ୟନ୍ତ ପାଳନ ହେଉଥିବା ଚାଇଲ୍ଡଲାଇନ୍ ସେ ଦୋସ୍ତି ସପ୍ତାହ ଉପଲକ୍ଷେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ଚାଇଲ୍ଡଲାଇନ୍ ସଂଯୋଜକ ନରେନ୍ଦ୍ର ପରିଡାଙ୍କ ସଂଯୋଜନାରେ ପ୍ରଧାନ ଶିକ୍ଷକ ନିଳମଣି ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରେମାନନ୍ଦ ସେନାପତି, ସମାଜସେବୀ ଜନାର୍ଦ୍ଦନ ଆଚାର୍ଯ୍ୟ, ଶିକ୍ଷକ ଜିବନଜ୍ୟୋତି ଖୁଣ୍ଟିଆ, ଚୁନାମଣି ସାହୁ, କାଶିନାଥ ସାହୁ, ମୃଣ୍ମୟୀ ପାତ୍ର, ପ୍ରଦୀପ କୁମାର ଗିରି ପ୍ରମୁଖ



ସଚେତନତା ରାଲିରେ ମହିଳା ଓ ଅନ୍ୟମାନେ।

ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଭାଗୀରଥି ଦାଶ, ସସ୍ମିତା ମହାନ୍ତି, ଆନନ୍ଦ ଚନ୍ଦ୍ର ସାହୁ, ହିମାଂଶୁ କୁମାର ରାମ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିଶୁ ଶ୍ରମିକ ମୁକ୍ତ ସମାଜ ଲାଗି ସଚେତନତା କରାଯାଇଛି। ଛାତ୍ରୀଛାତ୍ର ଶିଶୁ ସୁରକ୍ଷା ନେଇ ସଚେତନତା ମୂଳକ ବାର୍ତ୍ତାର ପ୍ରଚାର କରିଥିଲେ।

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆସ୍ଥିତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିଶୁ ସପ୍ତାହ ଅଧିକାର ସପ୍ତାହ ପାଳନ ହୋଇଛି। ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଅମ୍ରିଜୀବନି ଉପରେ ବକ୍ତାମାନେ ଅଭିଭାଷଣ ରଖିଥିଲେ। ଚମ୍ପୁଆ ବ୍ଲକ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନାମୂଳକ ୱାଲ ପେଣ୍ଟିଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଉପଖଣ୍ଡ ଅଧିକାର ଜୟନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଭିନ୍ନକ୍ଷମ ପିଲାଙ୍କୁ ନେଇ ଚମ୍ପୁଆ ନଗର ଭବନଠାରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଚମ୍ପୁଆସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେରଳା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଆକାଶ ଜ୍ୟୋତି ବିଦ୍ୟାଳୟ, ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି।

**ଘସିପୁରା**

ଆନନ୍ଦପୁରର ବି.ଏନ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ଟିକେଶ୍ୱର ବାହାଲାଙ୍କ ସଂଯୋଜନାରେ ଶିଶୁ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରତିକାନ୍ତ ଦେବତା, ସୁବାସ ପଣ୍ଡା, କାହ୍ନୁ ଚରଣ ରାଉଳ, ଗୋପବନ୍ଧୁ ସ୍ୱାଇଁ, କେଶବ ମିଶ୍ର, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପାଠକ, ଶୈଳବାଳିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଆନନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆନନ୍ଦପୁରର ମଡ଼େଲ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଥିଲା। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଦିନକୁ ଶିଶୁ ଦିବସ ରୂପେ ପାଳନ କରାଯାଉଥିବା ମତ ପ୍ରକାଶ ପାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ହାଟଡ଼ିହୀ**

ହାଟଡ଼ିହି ବ୍ଲକ ଚଣ୍ଡିବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଉଦୟନାଥ କର ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ହାଟଡ଼ିହୀ ବିଇଓ ଗୁଣନିଧି ଦାଶ, ମୁଖ୍ୟ ବକ୍ତା ଛେନାପଦି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ର, ଅତିଥି ଭାବେ ସ୍ଥାନୀୟ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ନରେନ୍ଦ୍ର ନାଥ କର, ସହସମ୍ପାଦକ ପ୍ରିତିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ନେହେରୁଙ୍କର ସ୍ମୃତିଚାରଣ କରି ତାଙ୍କ ଚିନ୍ତା ଧାରାରେ ଛାତ୍ରୀଛାତ୍ର, ଯୁବ ସମାଜ ଆଗେଇ ଆସିବାକୁ ଉଦୟନାଥ ଆହ୍ୱାନ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ନାୟକ ଓ ପ୍ରଦୀପ ଜେନା ସହଯୋଗ କରିଥିଲେ। ସ୍କୁଲର ଉପାଧ୍ୟକ୍ଷ ଗୋଲକ ଚନ୍ଦ୍ର ସାହୁ, ଶିକ୍ଷକ ବ୍ରହ୍ମାନନ୍ଦ ମଲ୍ଲୀକ, ନିରଞ୍ଜନ ସାହୁ, ବାବୁରାମ ମାଝି, ବିନୟ ନାୟକ, ପ୍ରଶାନ୍ତ ଦାସ, ସୁଦୀପ ଦାସ, ଅଜିତ ଦାସ, ଦୟାନିଧି ଚିନରା, ରାଜେଶ ବେହେରା, ମମତା ବେହେରା, ତନୁଶ୍ରୀ ପହି, ପ୍ରିୟଙ୍କା ରାଉତ, ସଞ୍ଜୁଲତା ସାହୁ, ଶାଶ୍ୱତୀ ପଳତା, ସୁଚିତ୍ରା ଦାସ, ଦୀପାରାଣୀ ଜେନା, ସୁଚିସ୍ମିତା ବାରିକଙ୍କ ସହ ଛାତ୍ରୀଛାତ୍ର, କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।